

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୧୫ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 15 JULY 2022

Vol.No. 35 ■ No. 183 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଙ୍ଗଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

ଲୁଚି ବୁଲୁଛନ୍ତି ରାଷ୍ଟ୍ରପତି : ଜଳ, ସ୍ଥଳ ଓ ଆକାଶପଥରେ ସେନାର ନଜର

ନୂଆଦିଲ୍ଲୀ, ୧୪/୦୭ : ଦେଶ ଛାଡି ରାଷ୍ଟ୍ରପତି ଗୋଟବାୟା ରାଜପାକ୍ଷେ ଯିବା ପରେ ଶ୍ରୀଲଙ୍କାର ସ୍ଥିତି ଆହୁରି ସଙ୍ଗୀନ ହେବାରେ ଲାଗିଛି । ରାଜଧାନୀ କଲମ୍ବୋଠୁ ଆରମ୍ଭ କରି ବିଭିନ୍ନ ପ୍ରାନ୍ତରେ କେବଳ ଆଉ କେବଳ ହିଂସା, ପ୍ରତିବାଦ, ବିକ୍ଷୋଭ ଓ ପୋଡାଜଳା ଜାରି ରହିଛି । ସୁନାର ଲଙ୍କାରେ ଲାଗିଛି ସଙ୍କଟ ଓ ଆକ୍ରୋଶର ନିଆଁ । ଦେଶର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହ ପ୍ରଧାନମନ୍ତ୍ରୀ ଆବାସ, ରାଷ୍ଟ୍ରପତି ଭବନ, ସଂସଦ ଭବନକୁ କବଜା କରିଛନ୍ତି । ସ୍ଥିତି ଦିନକୁ ଦିନ ଆୟତ୍ତ ବାହାରକୁ ଚାଲିଯାଉଥିବା ଦେଖି କାର୍ଯ୍ୟକାରୀ ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ ସେନା ହାତରେ ଶାସନ ଭାର ଦେଇଛନ୍ତି । ଆବଶ୍ୟକ ପଡିଲେ ପ୍ରଦର୍ଶନକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଆଦେଶ ଦିଆଯାଇଛି । ବୁଧବାରଠୁ ଶ୍ରୀଲଙ୍କା ସେନା ଆକ୍ସନ ମୋଡକୁ ଆସିଛି । ଜଳ, ସ୍ଥଳ ଓ ଆକାଶପଥରେ ଘୁରିବୁଲୁଛି ସେନା । ସେପଟେ ରାସ୍ତାରେ ପଇଁତରା ମାରୁଛି ସେନା ଗାଡି । ନିଜ ପରିବାର ସହ ଦେଶ ଛାଡିଯିବା ପରେ ଗୋଟବାୟା ପ୍ରଥମେ ମାଲଦ୍ୱୀପ ଓ ଏବେ ସିଙ୍ଗାପୁରରେ ପହଁଞ୍ଚିଥିବା ଜଣାପଡିଛି । ସାଉଦିଆରବରୁ ସିଙ୍ଗାପୁରରେ ପହଞ୍ଚିଥିବା ସୂଚନା ରହିଛି । ସବୁଠୁ ବଡ କଥା ହେଉଛି ମାଳଦ୍ୱୀପ ଓ ସିଙ୍ଗାପୁରରେ ଥିବା ଶ୍ରୀଲଙ୍କାବାସୀ ଗୋଟବାୟାଙ୍କୁ ବିରୋଧ କରୁଛନ୍ତି । ସେପଟେ ଭାଇ ବାସିଲ ରାଜପକ୍ଷେ ଆମେରିକା ଚାଲିଯାଇଥିବା କୁହାଯାଉଛି । ପୂର୍ବର ଭାଇ ମହିନ୍ଦ୍ରା ରାଜପକ୍ଷେ ଶ୍ରୀଲଙ୍କା ଛାଡି କେଉଁଠି ଆତ୍ମଗୋପନ କରିଛନ୍ତି ତାର କୌଣସି ସୁରାକ ଏଯାଏଁ ମିଳୁନି । ଦେଶ ଛାଡି ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଯିବା ପରେ ଆଗକୁ କଣ ହେବ ଶ୍ରୀଲଙ୍କାର ଭବିଷ୍ୟତ ସେକଥା ହୁଏତ ଏବେ କହିବା ସମ୍ଭବ ନୁହେଁ । କାରଣ ପ୍ରତିମୁହୂର୍ତ୍ତରେ ଏଠାରେ ସ୍ଥିତି ବଦଳୁଛି । ସେପଟେ ଦେଶର ଆଗାମୀ ରାଷ୍ଟ୍ରପତି କିଏ ହେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ରେସରେ ସବୁଠୁ ଆଗରେ ରହିଛନ୍ତି ରାନିଲ ବିକ୍ରମସିଂଘେ, ଅନୁରା କୁମାରା ଦିଶାନାଏକ, ଦୁଲ୍ଲାସା ଓ ବିରୋଧୀ ନେତା ପ୍ରେମଦାସ ରହିଛନ୍ତି ।

ସିଙ୍ଗାପୁରରେ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ଷେ : ନେଇପାରନ୍ତି ରାଜନୈତିକ ଆଶ୍ରୟ

ନୂଆଦିଲ୍ଲୀ, ୧୪/୦୭ : ରାଜଧାନୀର ରାଜରାସ୍ତାରେ ଗଡ଼ିଚାଲିଛି ଟ୍ୟାଙ୍କ । ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ଷେ ଦେଶ ଛାଡ଼ି ପଳାଇଯାଇଥିବା ବେଳେ କଲମ୍ବୋରେ ଅସ୍ଥିର ସ୍ଥିତି । ହଜାର ହଜାର ବିକ୍ଷୋଭକାରୀ କବଜାରେ ଏବେ ରାଷ୍ଟ୍ରପତି ଭବନ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଓ ସଂସଦ ଭବନ । ଏଭଳି ସ୍ଥିତିରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସେନା କଡ଼ା ପଦକ୍ଷେପ ନେବା ଆରମ୍ଭ କରିଛି । ସଂସଦ ଭବନ ଓ ରାଷ୍ଟ୍ରପତି ଭବନ ଆଗରେ ଟ୍ୟାଙ୍କ ମୁତୟନ କରିଛି ସେନା । ପ୍ରଧାନମନ୍ତ୍ରୀ ବାସଭବନରେ ବି ସେନା ମୁତୟନ ରହିଛି । ଏହାସହ ସୈନିକମାନେ କଲମ୍ବୋରେ ରାଜରାସ୍ତାରେ ପହରା ଦେଉଛନ୍ତି । ଏପଟେ ଦେଶରେ ଆର୍ଥିକ ଓ ରାଜନୈତିକ ସଙ୍କଟ ଭିତରେ ଦେଶଛାଡ଼ି ପଳାଇ ଯାଇଛନ୍ତି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ଷେକ୍ଷ । ପ୍ରଥମେ ମାଳଦୀପ, ସେଠାରୁ ସାଉଦିଆରବରେ ପହଂଚିବା ପରେ ସେଠାରୁ ସିଙ୍ଗାପୁରରେ ପହଂଚିଛନ୍ତି । କିଛି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି ଯେ, ଗୋଟାବାୟା ସିଙ୍ଗାପୁରରେ ରାଜନୈତିକ ଶରଣ ନେଇପାରନ୍ତି । ଅନ୍ୟପକ୍ଷରେ ଗୋଟାବାୟାଙ୍କ ଭାଇ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷେ ମଧ୍ୟ ଏବେ ଫେରାର ଅଛନ୍ତି । ବୁଧବାର ଶ୍ରୀଲଙ୍କାର ସବୁ ରାଜନୈତିକ ଦଳ ଏକାଠି ବୈଠକ କରିଥିଲେ । ଏଥିରେ ଦାବି କରାଯାଇଛି ଯେ, କାର୍ଯ୍ୟକାରୀ ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ ନିଜ ପଦ ଛାଡ଼ନ୍ତୁ । ଏହାସହ ଶ୍ରୀଲଙ୍କା ସଂସଦର ବାଚସ୍ପତି ୟାପ୍ପା ଆବେଓ୍ୱର୍ଦନା ପରବର୍ତୀ କାମଚଳା ରାଷ୍ଟ୍ରପତି ହେବାକୁ ଦାବି କରାଯାଇଛି ।

ପାକିସ୍ତାନରେ ହେବ ଶ୍ରୀଲଙ୍କା ସ୍ଥିତି !



ନୂଆଦିଲ୍ଲୀ, ୧୪/୦୭ : ଶ୍ରୀଲଙ୍କାର ଭୟଙ୍କର ସ୍ଥିତି କାହରିକୁ ଅଛପା ନାହିଁ । ଶାସନ ଅବ୍ୟବସ୍ଥା ପୁରା ଦେଶକୁ କିପରି ଛାରଖାର କରିପାରେ ଶ୍ରୀଲଙ୍କା କାହାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି । ଦେଶରେ ଲୋକେ ଖାଇବାକୁ ପାଉନାହାଁନ୍ତି । ରୋଗୀଙ୍କ ପାଇଁ ଔଷଧ ନାହିଁ । ଦେଶ ଛାଡି ପଳାଇଛନ୍ତି ରାଷ୍ଟ୍ରମୁଖ୍ୟ । ଏପରି ଦୁର୍ଦ୍ଦଶାର ଆଉ ଏକ ଛବି ଖୁବଶୀଘ୍ର ପଡୋଶୀ ପାକିସ୍ତାନରେ ମଧ୍ୟ ଦେଖାଯିବାର ସୂଚନା ମିଳିଲାଣି । ପାକିସ୍ତାନରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ହେଲାଣି । ଦେଶର ରାଜସ୍ୱ ଧୀରେ ଧୀରେ ଖାଲି ହେବାକୁ ବସିଲାଣି । ଦେଶରୁ ବିଦେଶୀ ମୁଦ୍ରା କମି କମି ଯାଉଛି । ସବୁଠୁ ବଡ କଥା ହେଉଛି ଦେଶ ଉପରେ ଏବେ ବିଦେଶୀ ଋଣର ବଡ ବୋଝ । 'ଦ ଡନ୍'ର ରିପୋର୍ଟ ମୁତାବକ, ୨୦୨୧ରେ ପାକିସ୍ତାନ ଉପରେ ୧୩.୩୮ ଅରବ ଡଲାର ବିଦେଶୀ ଋଣ ଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ପାକିସ୍ତାନର ବିଦେଶୀ ଋଣ ବଢି ବଢି ଆସି ୧୦.୮୮୭ ଅରବ ଡଲାରରେ ପହଞ୍ଚିଛି । ଋଣ ସୁଝିବାକୁ ଆହୁରି ଅଧିକ ଋଣ କରି ଚାଲିଛନ୍ତି ପାକିସ୍ତାନ ସରକାର । ବିଶେଷ କରି ଚିନ୍‌ଠାରୁ ଉଚ୍ଚ ସୁଧ ଦରରେ ଆଣିଛି ଋଣ । ତେଣୁ ଏହାକୁ କିପରି ସୁଝିବ ସେହି ଚିନ୍ତାରେ ଏବେ ପାକିସ୍ତାନ ସରକାର ।

କଲେଜରେ ଦିଆଯିବ କରୋନା ଟିକା

- ୧୮ରୁ ୫୯ ବର୍ଷଙ୍କ ପାଇଁ ମାଗଣା ବୁଷ୍ଟର ଡ଼ୋଜ୍ ଆଜିଠୁ
- ରାଜ୍ୟରେ କୋଭିଡ୍ ସ୍ଥିତି ପୂର୍ଣ୍ଣ ନିୟନ୍ତ୍ରଣାଧିନ : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୪/୦୭ (ନି.ପ୍ର): ଆସନ୍ତାକାଲିଠାରୁ ୧୮-୫୯ ବର୍ଷ ଲୋକଙ୍କ ପାଇଁ ମାଗଣା ବୁଷ୍ଟର ଡୋଜ୍ ଅଭିଯାନ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଇଞ୍ଜିନିଅରିଂ କଲେଜ, ଛାତ୍ରାବାସ, ଉଚ୍ଚଶିକ୍ଷାନୁଷ୍ଠାନ ଆଦିରେ ଟିକାଦିଆଯିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଗୁରୁବାର ଦିନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ନିଷ୍ପତି ହୋଇଛି। ଜିଲ୍ଲାୱାରୀ ସ୍ଥିତିର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ୧୮-୫୯ ବର୍ଷ ଲୋକଙ୍କ ପାଇଁ ଟିକାକରଣ ଅଭିଯାନ ଆରମ୍ଭ କରିବା, ଦୈନିକ କୋଭିଡ୍ ପରୀକ୍ଷା ସଂଖ୍ୟା ବଢ଼ାଇବା , କଲ୍ ସେଂଟରକୁ ୨୪ ଘଂଟିଆ କାର୍ଯ୍ୟକ୍ଷମ କରାଇବା ଏବଂ ଜନସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବିଭିନ୍ନ ଇଞ୍ଜିନିଅରିଂ କଲେଜ, ଛାତ୍ରାବାସ, ଉଚ୍ଚଶିକ୍ଷାନୁଷ୍ଠାନ ଆଦିରେ ଛାତ୍ରଛାତ୍ରୀମାନଙ୍କର ଟିକାକରଣ ସହ ସହରାଂଚଳମାନଙ୍କରେ ୧୮ ରୁ ୫୯ ବର୍ଷ ଲୋକଙ୍କ ପାଇଁ ବ୍ୟାପକ ଟିକାକରଣ ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସହରାଞ୍ଚଳରେ ପ୍ରତି ୱାର୍ଡ଼ ଏବଂ ଗ୍ରାମାଂଚଳରେ ଗ୍ରାମ ଓ ପଂଚାୟତୱାରୀ ଟିକାକରଣ କାର୍ଯ୍ୟଯୋଜନା କାର୍ଯ୍ୟାନ୍ୱୟନ ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ନିକୁଂଜ ଧଳ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ, ଜନ ପ୍ରତିନିଧି, ସେଚ୍ଛାସେବୀ ଅନୁଷ୍ଠାନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କୁ ସାମିଲ କରିବାକୁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଥିଲେ । ମାସ୍କ ପରିଧାନ, ପରସ୍ପରଠାରୁ ଶାରିରୀକ ଦୁରତା, ଭିଡ଼୍ ମଧ୍ୟକୁ ନଯିବା, ଅଯଥା ଗହଳି ସୃଷ୍ଟି ନକରିବା ଆଦି ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟ ଶାସନ ସଚିବ ▶▶ପୃଷ୍ଠା ୭

ମହାରାଷ୍ଟ୍ରରେ ସିନ୍ଦେ ସରକାରଙ୍କ ବଡ଼ ନିଷ୍ପତ୍ତି : କମିଲା ପେଟ୍ରୋଲ ଓ ଡିଜେଲ ଦର

ନୂଆଦିଲ୍ଲୀ, ୧୪/୦୭ : ସରକାରକୁ ଆସିବା ପରେ ମହରାଷ୍ଟ୍ର କ୍ୟାବିନେଟରେ ଏକନାଥ ସିନ୍ଦେଙ୍କ ବଡ଼ ନିଷ୍ପତ୍ତି । ମହାରାଷ୍ଟ୍ରରେ ଶସ୍ତା ହେଲା ପେଟ୍ରୋଲ-ଡିଜେଲ ଦର । ପେଟ୍ରୋଲ ଲିଟର ପ୍ରତି ୫ଟଙ୍କା, ଡିଜେଲ ଲିଟର ପ୍ରତି ୩ଟଙ୍କା କମିଛି । ତେଲ ଦର କମିବା ନେଇ ପ୍ରଥମରୁ ସିନ୍ଦେ ସରକାର ନିଷ୍ପତ୍ତି ନେଇଥିଲେ । କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ଉପରେ ମୋହର ବାଜିଛି । ଦେଢ଼ମାସ ପୂର୍ବରୁ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଦର କମାଇଥିଲେ । କେନ୍ଦ୍ର ସରକାର ପେଟ୍ରୋଲରୁ ୮ଟଙ୍କା ଓ ଡିଜେଲ ଉପରୁ ୬ ଟଙ୍କା ଏକ୍ସସାଇଜ ଡ୍ୟୁଟି ହ୍ରାସ କରିଥିଲେ । ଏହା ପରେ ମହାରାଷ୍ଟ୍ର ସରକାର ପେଟ୍ରୋଲ ଉପରୁ ୨ଟଙ୍କା ୮ ପଇସା, ଡିଜେଲ ଲିଟର ପ୍ରତି ୧ ଟଙ୍କା ୪୪ ପଇସା ଭ୍ୟାଟ କମ କରିଥିଲେ । ଏବେ ପୁଣି ଥରେ ନୂଆ ସରକାର ଆସିବା ପରେ ତେଲ ଦର କମାଇଛନ୍ତି ସିନ୍ଦେ ସରକାର ।

ଦ୍ରୌପଦୀ ମୁର୍ମୁଙ୍କୁ ନେଇ ତେଜୁଛି ମହାରାଷ୍ଟ୍ର ରାଜନୀତି : ସମର୍ଥନ ପରେ ବି ଉଦ୍ଧବ ଠାକରେଙ୍କୁ ଡାକିଲାନି ବିଜେପି

ନୂଆଦିଲ୍ଲୀ, ୧୪/୦୭ : ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ବିଭିନ୍ନ ରାଜ୍ୟ ବୁଲି ରାଜନୈତିକ ଦଳ, ସାଂସଦ ଏବଂ ବିଧାୟକମାନଙ୍କ ସମର୍ଥନ ଲୋଡୁଥିବା ବେଳେ ଗୁରୁବାର ମହାରାଷ୍ଟ୍ର ଗସ୍ତରେ ଯାଇଛନ୍ତି । ମହାରାଷ୍ଟ୍ରର ପ୍ରାୟ ୨୫୦ରୁ ଅଧିକ ସାଂସଦ ଏବଂ ବିଧାୟକଙ୍କୁ ଭେଟି ଦ୍ରୌପଦୀ ସମର୍ଥନ ମାଗିଛନ୍ତି । ଦ୍ରୌପଦୀଙ୍କ ଗସ୍ତ ପାଇଁ ଏନଡିଏ ଏବଂ ବିଜେପି ପକ୍ଷରୁ ଏକ ବୈଠକର ଆୟୋଜନ କରାଯାଇଥିଲା । ଯେଉଁ ବୈଠକକୁ ଦ୍ରୌପଦୀଙ୍କ ସମର୍ଥନ ଘୋଷଣା କରିଥିବା ସବୁ ଦଳର ବିଧାୟକ ଏବଂ ସାଂସଦମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ନୂଆ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ଯୋଗଦେଇଥିଲେ । ହେଲେ ବିରୋଧୀ ସତ୍ତ୍ୱେ ବି ଦ୍ରୌପଦୀଙ୍କୁ ସମର୍ଥନ ନେଇ ପୂର୍ବରୁ ଘୋଷଣା ଶିବସେନା ମୁଖ୍ୟ ଉଦ୍ଧବ ଠାକରେଙ୍କୁ ସେଠାକୁ ଡକାଯାଇନଥିଲା । ଯାହାକୁ ନେଇ ଏବେ ମହାରାଷ୍ଟ୍ରରେ ରାଜନୀତି ଜୋର ଧରିଛି । ମହାରାଷ୍ଟ୍ରରେ ଶିବସେନାର ବିଦ୍ରୋହୀ ବିଧାୟକଙ୍କୁ ଧରି ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ଗାଦିରୁ ହଟାଇଥିବା ବିଜେପିର ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ନେଇ ଘୋଷଣା କରିଥିଲେ ଉଦ୍ଧବ ଠାକରେ । ହେଲେ ତାଙ୍କୁ ବୈଠକ ଡକାନଯିବା ପରେ ଉଦ୍ଧବଙ୍କ ସମର୍ଥନ ଉପରେ ପ୍ରଶ୍ନ ଉଠିଛି । ଉଦ୍ଧବ ଠାକରେଙ୍କ ବୈଠକକୁ ଡକାନଯିବା ପରେ ମିଳିତ ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନା କହିଛନ୍ତି ଉଦ୍ଧବ ଠାକରେ ଚାପରେ ଦ୍ରୌପଦୀ ମୁର୍ମୁଙ୍କ ସମର୍ଥନ କରିଛନ୍ତି । ▶▶ପୃଷ୍ଠା ୭

ଉତ୍ତର ଓଡିଶାରେ ବଢିବ ବର୍ଷା

ଭୁବନେଶ୍ୱର,୧୪/୦୭ (ନି.ପ୍ର): ଉତର ଓଡିଶା ମୁହାଁ ହୋଇଛି ଲଘୁଚାପ। ଗତକାଲି ଦକ୍ଷିଣ-ଉପକୂଳ ଓଡିଶା ଅଂଚଳରେ ସକ୍ରିୟ ଲଘୁଚାପ, ଆଜି ଉତର ଓଡିଶା ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଜିଠାରୁ ଉତର ଓଡ଼ିଶାରେ ବର୍ଷାର ପରିମାଣ ବୃଦ୍ଧି ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ୮ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ୧୭ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର କଟକ, ଢ଼େଙ୍କାନାଳ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼, ସମ୍ବଲପୁର ଓ ନୂଆପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୮ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ପୋଲିସ ହାତରେ ତିନି ହାଇୱେ ଲୁଟେରା

ଭୁବନେଶ୍ୱର,୧୪/୦୭ (ନି.ପ୍ର): କମିଶନରେଟ ପୋଲିସ ହାତରେ ଧରାପଡିଛନ୍ତି ତିନି ହାଇୱେ ଲୁଟେରା। ମାଷ୍ଟର ମାଇଣ୍ଡ ସନ୍ତୋଷ ନାୟକ ସମେତ ପ୍ରଶାନ୍ତ ଘଡେଇ ଓ ସୁରଜ ଘଡେଇକୁ କାବୁ କରିଛି ସହିଦନଗର ଥାନା ପୋଲିସ । ଏମାନଙ୍କ ନିକଟରୁ ୧୦୦ରୁ ଅଧିକ ମୋବାଇଲ ସୁନା ଗହଣା ସମେତ ଦୁଇଟି ପଲସର ବାଇକ୍ ଜବତ ହୋଇଛି।

ପରୀକ୍ଷା ପୂର୍ବରୁ ପଦାରେ ବୁଲିଲା ପ୍ରଶ୍ନପତ୍ର



Full Marks : 60

Time : 3 hours

The figures in the right-hand margin indicate marks

Answer **all** questions

1. Fill in the blanks : 8×1

(a) A national budget has two parts ——.

(b) Orthography means ——.

(c) Main function of educational administration is ——.

(d) Indication of democratic attitude is

ଭୁବନେଶ୍ୱର,୧୪/୦୭ (ନି.ପ୍ର): ଆରମ୍ଭ ହେବାର ୨୦ ମିନିଟ ପରେ ପରୀକ୍ଷା ବନ୍ଦ ହେବାରୁ ଛାତ୍ର ଛାତ୍ରୀଙ୍କ ନାରାବାଜି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୨୦୫ କଲେଜରେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ ହେବାରୁ ଅଧାରୁ ବାତିଲ ହେଲା ଏଜୁକେସନ ଅନର୍ସ ବିଷୟରେ ପରୀକ୍ଷା । ଫଳରେ ହଇରାଣ ହେଲେ ପାଖାପାଖି ୫ ହଜାର ଛାତ୍ରଛାତ୍ରୀ । ବୁଧବାରଠାରୁ ସମ୍ବଲପୁର ବରଗଡ ସହ ଅନ୍ୟାନ୍ୟ ସ୍ଥାନରେ ଘୂରି ବୁଲୁଥିଲା ଏହି ପ୍ରଶ୍ନପତ୍ର । ଗୁରୁବାର ପରୀକ୍ଷା ସମୟରେ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ପ୍ରକୃତ ପ୍ରଶ୍ନପତ୍ର ସହ ଏହା ସମାନ ଥିବା ଜଣା ପଡିବା ପରେ ପରୀକ୍ଷାକୁ ବାତିଲ କରାଯାଇଛି । ଯାହାକୁ ନେଇ ବିଭିନ୍ନ କଲେଜରେ ଅସନ୍ତୋଷ ଦେଖାଯାଇଛି । ଗରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରଶ୍ନପତ୍ର ତିଆରି କରିଥିବା ପ୍ରଫେସର ଏହା ପ୍ରଘଟ ହେବା ପଛର କାର୍ପୋଟଦାର ବୋଲି କୁହାଯାଉଛି । ଘଟଣାର ତଦନ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୩ ଜଣିଆ କମିଟି ଗଠନ କରି କରିଛନ୍ତି । ଆସନ୍ତା ଦୁଇ ତିନି ଦିନ ଭିତରେ ପୁଣି ଥରେ ପରୀକ୍ଷା କରାଯିବ ବୋଲି କହିଛନ୍ତି ପରୀକ୍ଷା ନିୟନ୍ତକ । ସନ୍ଦେହ ଘେରରେ ଥିବା ପ୍ରଫେସରଙ୍କୁ ସମସ୍ତ ପ୍ରକାର ପରୀକ୍ଷା ସମ୍ପର୍କିତ କାର୍ଯ୍ୟରୁ ବାଦ ଦିଆଯାଇଥିବା କହିଛନ୍ତି କର୍ତ୍ତୃପକ୍ଷ ।

ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ ମନ୍ତବ୍ୟ ମାମଲାରେ ବିଜେପି- କଂଗ୍ରେସ ପୁଣି ମୁହାଁମୁହିଁ

ଭୁବନେଶ୍ୱର,୧୪/୦୭ (ନି.ପ୍ର): ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ବିଧାନସଭାରେ ଶୂନ୍ୟକାଳରେ ମଧ୍ୟ ହଙ୍ଗାମା ଦେଖା ଦେଇଥିଲା । ଏହି ପ୍ରସଙ୍ଗରେ ବିଜେପି ଓ କଂଗ୍ରେସ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ଉତ୍ପନ୍ନ ହୋଇଥିଲା । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହି କାରଣରୁ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇ ପାରି ନ ଥିଲା । ୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ମାତ୍ରେ ବିଜେପି ବିଧାୟକ ମାନେ ହଙ୍ଗାମା ଜାରୀ ରଖିଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ ଯେ, ଆଜି ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହେବାକୁ ଥିବାରୁ ସମସ୍ତେ ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ । ଏହା ପରେ ସେ ବିଜେପି ଦଳର ମୁଖ୍ୟ ସଚେତକ ମୋହନ ମାଝୀଙ୍କୁ କହିବାକୁ ଡାକିଥିଲେ । ବିଜେପି ବିଧାୟକ ମୋହ

ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ତୁରନ୍ତ ସୁଧାରିବା ଦାବିନେଇ ବିକ୍ଷୋଭକୁ ଓହ୍ଲାଇଲା ବିଜେପି ମହିଳା ମୋର୍ଚ୍ଚା

ସମ୍ବଲପୁର,୧୪/୦୭ (ନି.ପ୍ର): ସହିବାର ଗୋଟେ ସୀମା ଅଛି, ହେଲେ ଆଉ ସହି ହେଉନି ଏହିଭଳି ଆରୋପ ଉଠାଇ ଆଜି ଶହଶହ ସଂଖ୍ୟାରେ ମହିଳା ଓ ଯୁବତୀ ମାନେ। ବିଭିନ୍ନ ସ୍ଲୋଗାନ ଦେଇ ସମ୍ବଲପୁର ସହର ପରିକ୍ରମା କରି ଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଭିମୁଖେ ଅଭିଯାନ ଆରମ୍ଭ କରିଛନ୍ତି । ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ସମ୍ବଲପୁର ଜିଲ୍ଲାକୁ ସର୍ବଦା ରାଜ୍ୟ ସରକାର ଅବହେଳା କରି ଆସୁଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ ଠାରୁ ନେଇ ବିଭିନ୍ନ କ୍ଷେତ୍ରରେ ସମସ୍ୟା ଲାଗି ରହିଥିବା ବେଳେ ରାଜ୍ୟ ସରକାର ଏହାର କୌଣସି ସମାଧାନ କରିବା ପରିବର୍ତେ କେବଳ ପ୍ରତିଶ୍ରୁତିରେ ଭଣ୍ଡାରି କାଳକ୍ଷେପଣ ନୀତି ଅବଲମ୍ବନ କରିଆସୁଛି । ସମ୍ବଲପୁର ସଦର ମହକୁମା ସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଏବେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ରୋଗୀ କିଏ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଗଲେ କେତେବେଳେ ଶଜ୍ୟା ଅଭାବ ତ କେତେବେଳେ ଡାକ୍ତର ଅଭାବ । ରୋଗ ଯନ୍ତ୍ରଣା ରୁ ତୁରନ୍ତ ଉପଶମ କରିବା ଗୁହାରୀ କଲେ ତୁରନ୍ତ ବୁର୍ଲା ନାହିଁତ କଟକ ରେଫର ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ସମ୍ବଲପୁର ସହର ସମେତ ଜିଲ୍ଲାର ଉପାନ୍ତ କ୍ଷେତ୍ରରୁ ଆସୁଥିବା ଦୂର୍ବଳ ଆର୍ଥିକ ଶ୍ରେଣୀର ରୋଗୀ ଚିକିତ୍ସା ପାଇ ସୁସ୍ଥ ହେବା ପରିବର୍ତେ ପ୍ରଥମେ ଅର୍ଥ ଶୋଷଣ ଓ ପରେ ଗୁରୁତର ଅବସ୍ଥାରେ ଭାଗ୍ୟକୁ ଆଦରି ନିଜ ଘରକୁ ଫେରି ମୃତ୍ୟୁ ସହ ସଂଗ୍ରାମ କରିବା ଘଟଣା ଗରିବଗୁରୁବାଙ୍କ କ୍ଷେତ୍ରରେ ସାଧାରଣ ନିୟମରେ ପରିଣତ ହେଲାଣି । ସ୍ୱଚ୍ଛ ଓ ନିର୍ମଳ ଶାସନର ଦ୍ୱାହୀ ଦେଇ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାରେ ଯେଉଁ ପ୍ରହେଳିକା ଦେଖାଉଛନ୍ତି ତାହା ଆଉ ବରଦାସ୍ତ ଯୋଗ୍ୟ ନୁହେଁ ବୋଲି ଆଜି ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଆୟୋଜିତ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରାଯାଇଛି । ସୂଚନାନୁଯାୟୀ, ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ତୁରନ୍ତ ସୁଧାରିବା ଦାବିରେ ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦିକା ପ୍ରଭାସିନୀ ଦାସଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ମହିଳା ଓ ଯୁବତୀ ମାନେ ଏକ ବିଶାଳ ବିକ୍ଷୋଭ ସମାବେଶରେ ସହର ପରିକ୍ରମା କରିଛନ୍ତି । ଦିନ ୧୧ରୁ ସାଢ଼େ ୧୧ଟା ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦଳ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଦେଶରେ ଏକ ଦାବି ପତ୍ର ପ୍ରଦାନ କରାଯିବ ବୋଲି ବିକ୍ଷୋଭକାରୀଙ୍କ ସୂତ୍ରରୁ ଜଣାଯାଇଛି । ବିଶେଷ କରି ଜିଲ୍ଲା ସଦର ମହକୁମା ସହ ଜିଲ୍ଲାର ସମସ୍ତ ଉପାନ୍ତ ଓ ବ୍ଲକସ୍ତରୀୟ ପ୍ରାଥମିକ ଚିକିତ୍ସାଳୟ ଗୁଡିକରେ ଖାଲିଥିବା ଡାକ୍ତର ପଦବୀ ପୂରଣ, ଆବଶ୍ୟକୀୟ ଔଷଧ ବିତରଣ ଓ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାପାଇଁ ଉଲ୍ଲେଖିତ ଦାବିପତ୍ର ପ୍ରଦାନ କରାଯିବ ।

ମାଥିଲି ବ୍ଲକର ୩ ଟି ପଚାଂୟତରେ ଜିଓ କମ୍ପାନୀର ୪ଜି ଟାୱାର କାର୍ଯ୍ୟକ୍ଷମ

ମାଲକାନଗିରି,୧୪/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସଦର ମହକୁମାରୁ ପ୍ରାୟ ୩୫ କି.ମି. ଦୂରରେ ଥିବା ମହୁପଦର, କୁଟୁନିପାଲ୍ଲୀ ଓ ଟେମୁରୁପାଲ୍ଲୀ ପଚାଂୟତରେ ଉପଯୁକ୍ତ ମୋବାଇଲ୍ ସଂଯୋଗ ଉପଲବ୍ଧ ନଥିଲା । ମୋବାଇଲ୍ ନେଟୱାର୍କ ଓ ୪ଜି ଇଂଟରନେଟ୍ ସଂଯୋଗର ଅଭାବରୁ ଏହି ଅଂଚଳର ବାସିନ୍ଦା ତଥା ଏଠାରେ କାମ କରୁଥିବା ପ୍ରଶାସନିକ ଅଧିକାରୀମାନେ ବାହ୍ୟ ଦୁନିଆ ସହ ଯୋଗଯୋଗ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏପରିକି ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ଯୋଗଯୋଗ କଷ୍ଟକର ହୋଇପଡୁଥିଲା । ଗତ ଦୁଇ ବର୍ଷର କୋଭିଡ୍-୧୯ ମହାମାରୀ ସମୟରେ ଅନଲାଇନ୍ କ୍ଲାସ୍ରେ ଯୋଡ଼ି ହେବା ଲାଗି ଏହି ଅଂଚଳର ଛାତ୍ରଛାତ୍ରୀମାନଙ୍କୁ ମୋବାଇଲ୍ ନେଟ୍ୱର୍କ ଓ ଇଂଟରନେଟ୍ ସଂଯୋଗ ହାସଲ କରିବା ଲାଗି ମାଇଲ ମାଇଲ ଦୂର ଯାତ୍ରା କରିବାକୁ ପଡୁଥିଲା । ମାଥିଲି ବ୍ଲକର ୧୮ରୁ ଉର୍ଦ୍ଧ୍ୱ ଦୁର୍ଗମ ଗ୍ରାମରେ ଡିଜିଟାଲ୍ ରୂପାନ୍ତରଣର ଶୁଭାରମ୍ଭ କରାଯାଇଛି । ମହୁପଦର, କୁଟୁନିପାଲ୍ଲୀ ଓ ଟେମୁରୁପାଲ୍ଲୀରେ ଜିଓ କମ୍ପାନୀର ତିନିଟି ନୂଆ ୪ଜି ନେଟ୍ୱର୍କ ଟାୱାର କାର୍ଯ୍ୟକ୍ଷମ ହେବା ସହ ଜିଓ ଆଖପାଖ ଗ୍ରାମ ଓ ପଲ୍ଲୀଗୁଡିକରେ ବାସକରୁଥିବା ୧୨,୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଓ ପ୍ରଶାସନିକ ଅଧିକାରୀଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି । ଯେଉଁମାନେ ଏବେ ପ୍ରଥମ ଥର ପାଇଁ ୪ଜି ଇଂଟରନେଟ୍ ସୁବିଧା ପାଇପାରୁଛନ୍ତି। ତେବେ ବର୍ତମାନ ନିକଟରେ ମହୁପଦର, କୁଟୁନିପାଲ୍ଲୀ ଓ ଟେ ମୁରୁପାଲ୍ଲୀରେ ତିନିଟି ନୂଆ ଜିଓ ୪ଜି ନେଟ୍ୱର୍କ ଟାୱାର କାର୍ଯ୍ୟକ୍ଷମ ହେବାପରେ ଏହି ସମସ୍ୟା ଏବେ ଦୂର ହେବା ସହିତ ମହୁପଦର, କୁରୁମପାଲ୍ଲୀ, ମୁଣ୍ଡାଗୁଡ଼ା, କମରପାଲ୍ଲୀ, ଗାଲିଆଗୁଡ଼ା, ଧକଡରାସି, ତେମୁରୁପାଲ୍ଲୀ, କୁକୁରକୁଣ୍ଡ, ତୁଳସୀ, କାଟିଗୁଡ଼ା, ସାରିଗୁଡ଼ା, କୁଟୁନିପାଲ୍ଲୀ, କଡାପଦର, ନେତଲଗାନ୍ଧୀ ସମେତ ୧୮ରୁ ଉର୍ଦ୍ଧ୍ୱ ଗ୍ରାମ, ପଲ୍ଲୀ ଓ ଆଖପାଖ ଅଂଚଳର ଜନସାଧାରଣଙ୍କ ପାଖରେ ୪-ଜି ଡିଜିଟାଲ ରୁପାନ୍ତରଣର ଲାଭ ପହଂଚି ପାରିଛି ।

କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବାକୁ ସାଂସଦଙ୍କୁ ଦାବିପତ୍ର

ବଲାଙ୍ଗିର,୧୪/୦୭ (ନି.ପ୍ର): ସ୍ଥାନୀୟ କୋଶଲି ଭାଷା ସୁରକ୍ଷା ସମିତି ଟିଟିଲାଗଡ ପକ୍ଷରୁ କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ୍ କରିବା ପାଇଁ ଏକ ସ୍ମାରକପତ୍ର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କୁ ପ୍ରଦାନ କରାଯାଇଛି । ସମିତି ଟ୍ରଷ୍ଟର ଫାଉଣ୍ଡର ସଦସ୍ୟ ତଥା ପୂର୍ବତନ ସଭାପତି ଭିକାରୀ ଚରଣ ମିଶ୍ର, ବରିଷ୍ଠ ଉପଦେଷ୍ଟା ସେବକ ଚରଣ ଦାଶ ଓ ଜ୍ୟୋତି ପ୍ରକାଶ ଗଡତ୍ୟାଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି । କହିବା ବାହୁଲ୍ୟ, କୋଶଲି ହେଉଛି ପଶ୍ଚିମ ଓଡିଶାର ତେରଟି ଜିଲ୍ଲାରେ ବ୍ୟବହୃତ ହେଉଥିବା କଥିତ ତଥା ଲିଖିତ ଭାଷା । ଏ ଅଂଚଳର ଶିଶୁଟିଏ ତା ମାଆ ପାଖରୁ ଏହି ଭାଷା ଶିଖି ନିଜ ଅଂଚଳରେ ଆଜୀବନ ବ୍ୟବହାର କରିଥାଏ । ଓଡିଆ ଭାଷା ପଢିବା ପାଇଁ ଓ ବୁଝିବା ପାଇଁ ତାକୁ କଷ୍ଟ ହୁଏ, ଫଳରେ ପ୍ରାଥମିକ ସ୍ତର ଦୁର୍ବଳ ହୋଇପଡେ । ପଶ୍ଚିମ ଓଡିଶାର ତେରଟି ଜିଲ୍ଲାର ପ୍ରାୟ ଦୁଇକୋଟି ଲୋକ କୋଶଲି ଭାଷାକୁ ଶହଶହ ବର୍ଷ ଧରି ବ୍ୟବହାର କରି ଆସୁଥିବାରୁ ଏହାର ସାହିତ୍ୟ, ସଂସ୍କୃତି ଓ ଇତିହାସ ଆଦିର ବିକାଶ ପାଇଁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ୍ କରାଯିବା ଅନିର୍ବାର୍ଯ୍ୟ ହୋଇ ପଡିଛି । ଉଲ୍ଲେଖଯୋଗ୍ୟ, ମାନ୍ୟବର ସାଂସଦ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ପାର୍ଲାମେଂଟରେ ପ୍ରଶ୍ନ ଉତଥାପନ କରି ଖୁବ୍ ଶୀଘ୍ର ପଦକ୍ଷେପ ନେବେ ବୋଲି କହିଥିଲେ ।

ସଖୀବଟ ରାଧାକୃଷ୍ଣ ମନ୍ଦିରରେ ତାଲା: ଦର୍ଶନ ବନ୍ଦ

କେନ୍ଦ୍ରାପଡ଼ା,୧୪/୦୭ (ନି.ପ୍ର): କେନ୍ଦ୍ରାପଡାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ଗୁପ୍ତକ୍ଷେତ୍ର ସଖୀବଟ ପରିସରରେ ଥିବା ରାଧାକୃଷ୍ଣ ମନ୍ଦିରରେ ଶନିବାର ଠାରୁ ତାଲା ପଡି ଦିଅଁ ମାନଙ୍କ ଦର୍ଶନ ବନ୍ଦ ରହିଥିବା ଅଭିଯୋଗ ହୋଇଛି । ସୁନାମ ଧନ୍ୟ ସନ୍ଥୁ ବୈକୁଣ୍ଠ ନାଥ ବ୍ରହ୍ମଚାରୀଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତର ପ୍ରଫୁଲ୍ଲ କୁମାର ସାମଲଙ୍କ ମାର୍ଫତରେ ଏହି ମନ୍ଦିର ଭକ୍ତ ମାନଙ୍କ ସହଯୋଗରେ ୨୦୧୪ ମସିହାରେ ସଂପୂର୍ଣ୍ଣ ହୋଇ ରାଧାକୃଷ୍ଣଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇ ଥିଲା । ତତ୍କାଳୀନ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ସଖୀବଟର ବିବିଧ ଉନ୍ନୟନ ମୂଳକ କାର୍ଯ୍ୟ ସଂପନ୍ନ ହୋଇଥିବା ବେଳେ ତାଙ୍କ ଦେହାନ୍ତ ପରେ ନୂତନ କମିଟି ଗଠନ କରାଯାଇ ୨୦୨୨ ମସିହା ମାର୍ଚ୍ଚଠାରୁ ପରିଚାଳନା କରାଯାଉଛି । ମାତ୍ର ୪ ମାସ ପରେ ଏହି ମନ୍ଦିରର ପୂଜକକୁ ନେଇ ବିବାଦ ହେବାରୁ ରାଧାକୃଷ୍ଣ ମନ୍ଦିରରେ ତାଲା ପକାଯାଇ ଥିବାରୁ ପୂଜକ ଜଣକ ୫ଦିନ ହେଲା ବାହାରେ ପୂଜା ଆଲତୀ କରୁଥିବା ଡାକ୍ତର ପ୍ରଫୁଲ୍ଲ ସାମଲ ଅଭିଯୋଗ କରିଛନ୍ତି । ଏନେଇ ପରିଚାଳନା କମିଟି ସଭାପତି ତଥା ସ୍ଥାନୀୟ ସରପଂଚ ଙ୍କୁ ପଚାରିବାରୁ ସେ ଏ ବିଷୟ ଜାଣିନଥିବା ପ୍ରକାଶ କରିବା ସହ ଆସନ୍ତା ଶନିବାର ଡକା ଯାଇଥିବା ମିଟିଂରେ ସମସ୍ତ ବିଷୟ ଆଲୋଚନା କରାଯିବ ବୋଲି ପ୍ରକାଶ କରିଛନ୍ତି । ତେବେ ଏହି ତାଲା ପକା ଘଟଣାକୁ ନେଇ ଭକ୍ତ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବଢିବାରେ ଲାଗିଛି ।

ହାତୀ ସୁରକ୍ଷା ପାଇଁ ଜଙ୍ଗଲ ଓ ବିଦ୍ୟୁତ ବିଭାଗ ବୈଠକ

କନ୍ଧମାଳ,୧୪/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ଼ ଅଭୟାରଣ୍ୟରେ ଥିବା ହାତୀ ଓ ବନ୍ୟ ପ୍ରାଣୀ ର ସୁରକ୍ଷା ପାଇଁ ଟାଟା ଶକ୍ତି ଓ ବନ ବିଭାଗ ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ବିଭାଗ ର ବୈଠକରେ ହାତୀ, ଅନ୍ୟ ବନ୍ୟ ଜନ୍ତୁ କିପରି ବିଜୁଳି ଆଘାତ ରୁ ମୃତ୍ୟୁ କିମ୍ବା ତାଙ୍କର କିଛି କ୍ଷତି ନ ହୁଏ, ତାହାରି ଉପରେ ଆଧାରିତ ଆଲୋଚନା କରାଯାଇଥିଲା । କୌଣସି ଶିକାରୀ ବିଜୁଳି ତାର ରୁ ହୁକ ପକାଇ ଜନ୍ତୁ କୁ ମାରିବାର ପ୍ରୟାସ କୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଅଭୟାରଣ୍ୟ ଦେଇ ଯାଇଥିବା ବିଦ୍ୟୁତ ତା'ର କୁ ପରିବର୍ତ୍ତନ କରାଯାଇ ତୁରନ୍ତ କେବୁଲ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ । ଏହାକୁ କାର୍ଯ୍ୟକାରୀ କରିବା କୁ ଶକ୍ତି ବିଭାଗ ମଧ୍ୟ ରାଜି ଥିବା ଶକ୍ତି ବିଭାଗ ସହମତି ପ୍ରକାଶ କରିଛନ୍ତି। ହାତୀ ସୁରକ୍ଷା ସହିତ ହାତୀ ର ଗତିବିଧି କୁ ଲକ୍ଷ ରଖି କୋଟଗଡ଼ ବନ ବିଭାଗ ଲାସେରି ଜଙ୍ଗଲ କୁ ଫୋକସ ରେ ରଖିଥିବା ବେଳେ ଶକ୍ତି ବିଭାଗ କୁ ଏହି ଜଙ୍ଗଲରେ ଥିବା ଶକ୍ତି ବିଭାଗର ତ୍ରୁଟିକୁ ତୁରନ୍ତ ସମାଧାନ କରିବାକୁ ପରାମର୍ଶ ଦେଉଛନ୍ତି । ଶକ୍ତି ବିଭାଗ ମଧ୍ୟ ସମୟ ପୂର୍ବରୁ ସାରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମ କୁ ସରଳ କରିବା ପାଇଁ ଏକ ଗ୍ରୁପ କରିବା ପାଇଁ ଆଲୋଚନା କରାଯାଇଥିଲା । ତା ଛଡ଼ା ଗାଁ କୁ ବିଜୁଳି ସଂଯୋଗ ଦେବା ନାଁରେ ଯେଉଁ ଜଙ୍ଗଲ କୁ ବେଆଇନ ଭାବରେ ନଷ୍ଟ କରାଯାଉଛି ତାକୁ ରୋକିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ବନ ବିଭାଗର ଏସିଏଫ ସୌମ୍ୟ ରଞ୍ଜନ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମ କୁ ତ୍ୱରାନ୍ୱିତ କରିଥିଲେ । କାର୍ଯ୍ୟକ୍ରମ ରେ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେର ,ଟାଟା ଶକ୍ତି ବିଭାଗ ଟିମ ଲିଡ଼ର ଛୋଟେ କୁମାର ରୁଆ , ଯନ୍ତ୍ରୀ ତାରିଣୀ ସେନ ଷଡଙ୍ଗୀ ଓ ବନବିଭାଗ ଓ ଶକ୍ତି ବିଭାଗ ର ବହୁ କର୍ମଚାରୀ କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ ।

ମହିଳାଙ୍କୁ ଏସିଡ୍ ମାଡ: ଥାନାରେ ୨ ଅଟକ

କଟକ,୧୪/୦୭ (ନି.ପ୍ର): ମହିଳାଙ୍କୁ ଏସିଡ୍ ମାଡ କରିଛନ୍ତି ଦୁର୍ବୃତ । ଏଥିରେ ମହିଳା ଜଣକ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ତିଗିରିଆ ମେଡ଼ିକାଲ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମରେ ଏଭଳି ଏକ ବର୍ବୋରୋଚିତ ଘଟଣା ସାମ୍ନାକୁ ଆସିଛି । ଆଜି ସକାଳେ ଏହି ଘଟଣା ଘଟିଛି । ତେବେ କ'ଣ ପାଇଁ ଏଭଳି ଅମାନବୀୟ ଭାବେ ତାଙ୍କ ଉପରେ ଏସିଡ୍ ଆକ୍ରମଣ ହୋଇଛି, ତାହା ଅଦ୍ୟାବଧି ଅସ୍ପଷ୍ଟ ରହିଛି । ଘଟଣା ପରେ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲା । ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ତିଗିରିଆ ଥାନା ପୋଲିସ ତଦନ୍ତ ଚଳାଇଛି ।

ବିଦ୍ୟାଳୟ ମୁହାଁ ସ୍ୱାଭିମାନ ଅଂଚଳର ଡ୍ରପ ଆଉଟ ଛାତ୍ରଛାତ୍ରୀ

ମାଲକାନଗିରି,୧୪/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଥିବା ସତ୍ତ୍ୱେ ଜିଲ୍ଲାରେ ଅନେକ ପିଲା ଅଧାରୁ ପାଠ ଛାଡ଼ିଦେଉଛନ୍ତି । ତେବେ ସେହି ପିଲାଙ୍କୁ ପୁଣି ଶିକ୍ଷାପ୍ରତି ଆକୃଷ୍ଟ କରିବା ପାଇଁ ସରକାରୀ ସ୍ତରରେ ଅନେକ ପଦକ୍ଷେପ ନିଆଯାଉଥିବା ବେଳେ ବର୍ତମାନ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ପିରାମଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆରମ୍ଭ ହୋଇଛି ' ମୋ ଗାଁ ମୋ ଦାୟିତ୍ୱ '' ଅଭିଯାନ। ଏହି ଅଭିଯାନ ମାଧ୍ୟମରେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ଥିବା ଗାଜଲମାମୁଡ଼ି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦେବା କବାସୀ, ଯୋଡ଼ାମ୍ବ ସିଆରସିସି ଶିବ ସରକାର, ବଳରାମ ସାମଲ, ସ୍ଥାନୀୟ ସରପଂଚ ବଳରାମ ଗୋଲାରୀ ଓ ୱାର୍ଡ ମେମ୍ବରଙ୍କ ସହାୟତାରେ ଆଉଟ୍ ଅଫ୍ ସ୍କୁଲ ପିଲାଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରିବା ପାଇଁ ନିଆଯାଇଛି ପଦକ୍ଷେପ। ଅଂଚଳର ଶିକ୍ଷକ ଓ ସିଆରସିସି ଶିକ୍ଷାର ବିକାଶ ପାଇଁ ସର୍ବଦା ଚେଷ୍ଟିତ ଥିବାବେଳେ ଲୋକଙ୍କୁ ଶିକ୍ଷାର ମୂଲ୍ୟ ବିଷୟରେ ବୁଝାଇ ଆସୁଥିବା ସହ ସୁସମ୍ପର୍କ ସ୍ଥାପନ କରିଛନ୍ତି। ବର୍ତମାନ ଜିଲ୍ଲା ପ୍ରଶାସନ ଓ ପିରାମଲ ଫାଉଣ୍ଡେସନ ଏହି ଅଂଚଳରେ ଲୋକଙ୍କୁ ଶିକ୍ଷାପ୍ରତି ସଚେତନ କରାଇଛି । ଫଳରେ ସ୍ୱାଭିମାନ ଅଂଚଳର ଅନେକ ଗ୍ରାମରେ ଥିବା ୩୦ ଜଣ ଡ୍ରପ୍ ଆଉଟ ଓ ଆଉଟ୍ ଅଫ୍ ସ୍କୁଲ ପିଲାଙ୍କୁ ବର୍ତମାନ ପୁଣି ପାଠପଢିବା ପାଇଁ ଗାଜଲମାମୁଡ଼ି ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାହୋଇଛି । ଏହି ପିଲାମାନେ ସ୍ୱାଭିମାନ ଅଂଚଳର ଟୁମୁଲମାମୁଡ଼ି, ଅଲାମ୍ପାକା, ବନ୍ଧଗୁଡ଼ା, ପୂଜାରିଗୁଡ଼ା ଆଦି ଅଂଚଳର ହୋଇଥିବା ବେଳେ ସେମାନଙ୍କୁ ବିଦ୍ୟାଳୟକୁ ଆସିବା ଯିବାକୁ ହେଲେ ୭ କିଲୋମିଟର ଦୂର ବାଟ ଆସିବାକୁ ପଡୁଛି । ଏହା ସେମାନଙ୍କ ପାଇଁ ସମ୍ଭବପର ହେଉ ନଥିବା ପିଲା ଓ ଅଭିଭାବକମାନେ ପ୍ରକାଶ କରିଛନ୍ତି। ବର୍ତମାନ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ସରପଂଚ ବଳରାମ ଓ ୱାର୍ଡ ମେମ୍ବର ନିଜେ ଦାୟିତ୍ୱ ନେଇ ପିଲାମାନଙ୍କୁ ପ୍ରତିଦିନ ବିଦ୍ୟାଳୟକୁ ନେବା ଆଣିବାରେ ସହାୟତା କରିବେ ବୋଲି କଥା ଦେଇଛନ୍ତି। ଅଂଚଳର ସରପଂଚ, ୱାର୍ଡମେମ୍ବର ତଥା ଶିକ୍ଷକମାନଙ୍କର ପ୍ରଚେଷ୍ଟାରେ ସମସ୍ତ ପିଲାଙ୍କୁ ବିଦ୍ୟାଳୟରେ ଭର୍ତି କରାଯାଇଛି । ସରପଂଚଙ୍କ ମତରେ ଏବେ ଗାଜଲମାମୁଡ଼ି ପଚାଂୟତରେ ସମସ୍ତ ପିଲା ସ୍କୁଲମୁହାଁ ହୋଇଛନ୍ତି । ଗାଜଲମାମୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଯଦି ଏହି ବିଦ୍ୟାଳୟଟିକୁ ହାଇସ୍କୁଲର ମାନ୍ୟତା ମିଳନ୍ତା ଓ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ଯାନ୍ତା ତେବେ ପିଲାଙ୍କୁ ୮ମ ଶ୍ରେଣୀ ପରେ ବାହାରକୁ ଯିବାକୁ ପଡ଼ିନଥାନ୍ତା । ସ୍ୱାଭିମାନ ଅଂଚଳରେ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ତତ୍ପର ଥିବାବେଳେ ବର୍ତମାନ ଜିଲ୍ଲା ପ୍ରଶାସନର ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ଅଂଚଳବାସୀ । ତେବେ ଆଗାମୀ ଦିନରେ ଏଭଳି ପଦକ୍ଷେପ ଅବଲମ୍ବନ କରି ପୁରା ସ୍ୱାଭିମାନ ଅଂଚଳ ସହ ଜିଲ୍ଲାରେ ଥିବା ଅନେକ ଡ୍ରପ୍ ଆଉଟ ପିଲା ଶିକ୍ଷା ସହ ପୁଣି ଯୋଡ଼ି ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ସମସ୍ୟା ଘେରରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଜୟପୁର,୧୪/୦୭ (ନି.ପ୍ର): ସରକାର ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ସହ ପିଲାମାନେ କିଭଳି ସ୍କୁଲ ମୁହାଁ ହେବେ ତାକୁ ଦୃଷ୍ଟିର ରଖି ସ୍ମାର୍ଟ କ୍ଲାସ ଠାରୁ ଆରମ୍ଭ କରି ସ୍ମାର୍ଟ ବିଦ୍ୟାଳୟ ପ୍ରତିଷ୍ଠା କରୁଛନ୍ତି,ଅନେକ ବିଦ୍ୟାଳୟର ରୂପାନ୍ତରିକରଣ କରିଛନ୍ତି କିନ୍ତୁ ବୋରିଗୁମ୍ପା ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାସ୍ତବ ଚିତ୍ର କିଛି ଅଲଗା ।ଏହି ବିଦ୍ୟାଳୟକୁ ଦେଖିଲେ ଲାଗୁଛି ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ଭିତିଭୁମି ଯୋଗାଇବାରେ ଫେଲ ମାରିଛି ଶିକ୍ଷା ବିଭାଗ। ୧୯୫୪ ମସିହାରେ ସ୍ଥାପିତ ବୋରିଗୁମ

ବିବିଧା

କଫି ପାଇଁ ୧୬ ଘଣ୍ଟା

ଭାରତର ପ୍ରତ୍ୟେକ ପ୍ରାନ୍ତରେ କଫିପ୍ରେମୀଙ୍କ ସଂଖ୍ୟା କିଛି କମ୍ ନୁହେଁ । ଚା' ସହ ଏବେ କଫିର ଆସର ମଧ୍ୟ ଜମିଲାଣି । ବଜାରରେ ଏବେ ୪୦୦ରୁ ଅଧିକ ପ୍ରକାରର କଫି ମିଳୁଛି । ଇନ୍ଦୋର ସହରରେ ବିଭିନ୍ନ ଛକରେ ସଂଖ୍ୟାଧିକ କଫି ଦୋକାନ ଥିବାବେଳେ ଉଭୟ ଦେଶୀ ଓ ବିଦେଶୀ ପର୍ଯ୍ୟଟଙ୍କ ଭିଡ଼ ଏଠାରେ ଜମୁଛି । ସେଠାକାର ଏକ କଫି ଦୋକାନ ହେଉଛି 'ଲଭ୍ କଫି' । ଦୋକାନର ମାଲିକ ୩୬ ବର୍ଷୀୟ ନିହାର ଓ ତାଙ୍କ ପତ୍ନୀ ଶିଖା ବିଦେଶୀ ସୁଆଦର କଫି ସେଠାରେ ଉପଲବ୍ଧ କରାଇଥାନ୍ତି । ଏଇ କାରଣରୁ ଗ୍ରାହକଙ୍କ ଭିଡ଼ ଏଠାରେ ସର୍ବାଧିକ । ଶିଖାଙ୍କ ମତରେ ପ୍ରତ୍ୟେକ ଋତୁରେ କଫି ଗ୍ରାହକଙ୍କ ସଂଖ୍ୟା ବଢୁଥିବାବେଳେ ଶୀତ ଋତୁରେ ସର୍ବାଧିକସ୍ତରରେ ପହଞ୍ଚିଥାଏ । ଗତ ଦେଢ଼ ବର୍ଷ ତଳୁ ସେମାନଙ୍କ ଏଇ କଫି ଦୋକାନରେ ଇଟାଲୀ, ଜର୍ମାନୀ, ଲଣ୍ଡନ ଇତ୍ୟାଦି ପ୍ରାନ୍ତର ନାମୀ କଫି ମିଳୁଛି । ଏସବୁର ପ୍ରସ୍ତୁତି ସେ ଓ ତାଙ୍କ ସ୍ୱାମୀ ବିଦେଶ ଗସ୍ତ ସମୟରେ ଶିଖିଆସିଥିଲେ, ଯାହା ବର୍ତ୍ତମାନ ସେମାନଙ୍କ ବ୍ୟବସାୟର ଉନ୍ନତିରେ ଲାଗୁଛି । ଅଧିକାଂଶ ଗ୍ରାହକଙ୍କ ପସନ୍ଦ ହେଉଛି 'କୋଲ୍ଡ ବ୍ରୁ କଫି' । ଲଣ୍ଡନର ଏଇ କଫିକୁ ପ୍ରସ୍ତୁତ କରିବା ପାଇଁ ୧୬ ଘଣ୍ଟା ସମୟ ଲାଗିଥାଏ । ପୂର୍ବଦିନ ରାତିରୁ ତାହାକୁ ଥଣ୍ଡା ପାଣିରେ ଭିଜାଇ ରଖାଯିବା ସହ ତହିଁ ଆରଦିନ ଗ୍ରାହକଙ୍କୁ ପରଷାଯାଏ । ଗ୍ରାହକମାନେ ଅନ୍-ଲାଇନ୍ ଜରିଆରେ ୨-୩ ଦିନ ପୂର୍ବରୁ ଏଇ କଫି ପିଇବା ପାଇଁ ବୁକିଂ କରୁଥିବାର ଜଣାପଡ଼ିଛି । କଫି ପିଉଥିବା ଗ୍ରାହକମାନେ ନିୟମିତ ନୂଆ ସ୍ୱାଦର କଫି ପିଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଅଧିକାଂଶ ଦୋକାନୀଙ୍କ ମତ ।

ଔଷଧୀୟ ବୃକ୍ଷଲତା

ବାଡ଼ି ବଗିଚାରେ ତୁଳସୀ, ଥାଲକୁଡ଼ି, ଅମରପୋଇ, ବାସଙ୍ଗ, ବାଡ଼ିଅଁଳା, ଚିରେଇତା, ମଂଜୁଆତି, ପୁଦିନା, ଘିକୁଆଁରୀ, ଅରଖ, ବେଲ, ସଜନା, ଭୁର୍ଜୁଙ୍ଗ, ବ୍ରାହ୍ମୀ ଆଦି ବୃକ୍ଷଲତା ଗୁଳ୍ମ ଦେଖିବାକୁ ମିଳେ । ଏଗୁଡ଼ିକୁ ସାଧାରଣତଃ ଅନାବନା ଭାବେ ଏଣେତେଣେ ଉଠିଥାନ୍ତି । ମାତ୍ର ଔଷଧୀୟ ଗୁଣରେ ଭରପୁର । ଚିହ୍ନଟ କରି ଏସବୁ ବୃକ୍ଷଲତାକୁ ଯତ୍ନର ସହିତ ବାଡ଼ିର ଗୋଟିଏ ନର୍ଦ୍ଦିଷ୍ଟ ସ୍ଥାନରେ ଲଗାନ୍ତୁ । ଅନେକ ଉପକାର ମିଳିବ । ଏସବୁ ବୃକ୍ଷ ବଜାରରୁ କିଣି ମଧ୍ୟ ନିଜ ବଗିଚାରେ କିଂବା କୁଣ୍ଡରେ ଲଗାଇ ଚାଷ କରିପାରିବେ । ଗଛ ଲଗାଇସାରିବା ପରେ ଆବଶ୍ୟକତା ଅନୁସାରେ ସାର ଓ ଖତକୁ ମାଟିରେ ମିଶାଇ ଉପଯୁକ୍ତ ସମୟ ବ୍ୟବଧାନରେ ପ୍ରୟୋଗ କରନ୍ତୁ । ଲତାଜାତୀୟ ଗଛଗୁଡ଼ିକୁ ବାଡ଼ି ମଝିରେ ନ ଲଗାଇ, ଚାରିପାଖ ବାଡ଼ କିଂବା ଖୁଂଟକୁ ଲଗାଇ ପୋତନ୍ତୁ । ଏହାଦ୍ୱାରା ସେଗୁଡ଼ିକ ସହଜରେ

ବ୍ରଣ ଦୂର କରିବ ମହୁ

ସାଧାରରତଃ ବର୍ଷା ଦିନେ ତ୍ୱଚା ଜନିତ ବିଭିନ୍ନ ସମସ୍ୟା ଦେଖାଯାଇଥାଏ । ବର୍ଷା ଦିନେ ହେଉଥିବା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ତ୍ୱଚା ବିଷେଶଜ୍ଞଙ୍କ ପରାମର୍ଶ ନେଇ ମଧ୍ୟ ଏଥିରେ ବିଫଳ ହୁଅନ୍ତି । ଯଦି ସଠିକ୍ ସମୟରେ ଘରୋଇ ଉପଚାର କରାଯାଏ, ତେବେ ଏଥିରୁ ମୁକ୍ତି ମିଳିବା ସମ୍ଭବ ହେବ । ଏ ସମୟରେ ବ୍ରଣ ଭଳି ସମସ୍ୟା ତ୍ୱଚାରେ ଉପୁଜିଥାଏ । ଆମ ନିକଟରେ ହିଁ ଏହାର ଉପାୟ ଲୁଚି ରହିଛି । ରୋଷେଇରେ ବ୍ୟବହାର ଆସୁଥିବା ମହୁ ହେଉଛି ବ୍ରଣ ଦୂର କରିବାର ଉତ୍କୃଷ୍ଟ ଉପାୟ । ମହୁ ଭଳି ଏକ ଚମତ୍କାରୀ ଉପାଦାନ ମାଧ୍ୟମରେ ଏହାକୁ ଦୂର କରିବା ସମ୍ଭବପର । ମହୁରେ ଥିବା ଜୀବାଣୁ ପ୍ରତିରୋଧକ ତତ୍ତ୍ୱ ତ୍ୱଚାର ଜୀବାଣୁକୁ ନଷ୍ଟ କରିବାରେ ବେଶ ସହାୟକ ହୋଇଥାଏ । ଏହା ଶରୀର ପାଇଁ ଉପକାରୀ ହେବା ସହ ଶରୀରରେ ରକ୍ତକୁ ବିଶୁଦ୍ଧ କରିଥାଏ । ପ୍ରଦତ୍ତ କିଛି ସରଳ ଉପଚାର ମାଧ୍ୟମରେ ଆପଣ ବ୍ରଣରୁ ମୁକ୍ତି ପାଇପାରିବେ ।

ମହୁ ଓ ବେକିଂ ସୋଡ଼ା: ଗୋଟିଏ ଚାମଚ ବେକିଂ ସୋଡ଼ାକୁ ଦୁଇଚାମଚ ମହୁରେ ମିଶାଇ ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ ତ୍ୱଚାରେ ଗୋଲାକାର ଭାବେ ମସାଜ କରନ୍ତୁ । ଏହାର ୫ ମିନିଟ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ୩ରୁ ୫ ଦିନ ମଧ୍ୟରେ ଥରେ ଏହିପରି କରିଲେ ତ୍ୱଚାରୁ ବ୍ରଣ ଦୂର ହୋଇଯିବ ।

ମହୁ ଓ ହଳଦୀ: ମହୁ ଓ ହଳଦୀରେ ପ୍ରଚୁର ପରିମାଣରେ ପ୍ରାକୃତିକ ତତ୍ତ୍ୱ ଭରି ରହିଛି । ଏକ ଚାମଚ ମହୁରେ ଅଳ୍ପ ହଳଦୀ ମିଶାଇ ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହାକୁ ୩୦ ମିନିଟ୍ ପାଇଁ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ ରଖନ୍ତୁ । ଏହା ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହାକୁ ସପ୍ତାହରେ ଥରେ ନିଶ୍ଚୟ ବ୍ୟବହାର କରନ୍ତୁ ।

ମହୁ ଏବଂ ସେଓର ସିରକା:

ଗୋଟିଏ ଚାମଚ ପାଣିରେ, ଦୁଇ ଚାମଚ ମହୁ ଏବଂ କିଛି ମାତ୍ରାର ସେଓର ସିରକାକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତୁଳା ସହାୟତାରେ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ କିଛି ସମୟ ପାଇଁ ସମାଜ କରନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ । ଏହା ପରେ ସେଓର ସିରକାକୁ ଟୋନର ଭଳି ବ୍ୟବହାର କରନ୍ତୁ ।

ମହୁ ଏବଂ ଗ୍ରୀନ୍ ଟି : ଏଥିପାଇଁ ଆପଣଙ୍କୁ ଅଳ୍ପ ମାତ୍ରା ମହୁ, ୨ କପ୍ ଉଷୁମ ପାଣି ଏବଂ ଗୋଟିଏ ଗ୍ରୀନ୍‌ଟି ବ୍ୟାଗ୍‌ରେ ଆବଶ୍ୟକ ହେବ । ଏହି ଗରମ ପାଣିରେ ଗ୍ରୀନ୍‌ଟି ବ୍ୟାଗଟିକୁ କିଛି ସମୟ ପାଇଁ ବୁଡ଼ାଇ ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଅଳ୍ପ ଗ୍ରୀନ୍ ଟି ପାଣିକୁ ଅଲଗା ରଖି ଦିଅନ୍ତୁ ଏବଂ ବଳକା ପାଣିରେ ମହୁକୁ ଗୋଳାଇ ଲେପ ପ୍ରସ୍ତୁତ କରନ୍ତୁ । ପ୍ରଥମେ ଅଳ୍ପ ରଖିଥିବା ଗ୍ରୀନ୍ ଟି ପାଣିକୁ ତ୍ୱଚାରେ ପୋଛି ଦିଅନ୍ତୁ । ଏହାପରେ ପ୍ରସ୍ତୁତ ପେଷ୍ଟକୁ ମୁଁହରେ ୨୦ ମିନିଟ ପାଇଁ ରଖି ପରେ ଧୋଇ ଦିଅନ୍ତୁ ।

ମହୁ ଓ ଲେମ୍ବୁ: ଏକ ଚାମଚ ମହୁ, ଅଳ୍ପ ଚିନି, ଅଧ ଚାମଚ ଲେମ୍ବୁ ରସ ଏବଂ ଲେମ୍ବୁ ଜେଷ୍ଟ(ଲେମ୍ବୁର ଚୋପାକୁ ଶୁଖାଇ ଗୁଣ୍ଡ ପ୍ରସ୍ତୁତ କରାଯାଇଥାଏ)କୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁଁହରେ ୩୦ ମିନିଟ୍ ପର୍ଯ୍ୟନ୍ତ ରଖି ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ

ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ । ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

ସକାଳ ଧ୍ୟାନର ଉପଯୋଗିତା

♦ଧ୍ୟାନ କଲେ ଉଭୟ ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ଏଇ ଅଭ୍ୟାସ କଲେ ତାହାର ସୁଫଳ ଖୁବ୍ ଶୀଘ୍ରଅ ଦେଖିବାକୁ ମିଳେ ।

♦ଶଯ୍ୟା ତ୍ୟାଗ ପରେ ଖଟ ଉପରେ ବସି ୫-୭ ମିନିଟ୍ ଧ୍ୟାନ କରିପାରିବେ। ରକ୍ତଚାପ ଓ ଅବସାଦଗ୍ରସ୍ତ ରୋଗୀ ଧ୍ୟାନ ପ୍ରତ୍ୟହ କଲେ ଏହାର ସୁଫଳ ଜାଣିପାରିବେ।

♦ ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ। ପିଲାଠାରୁ ବୟସ୍କ ଏଇ ସରଳ ଉପାୟକୁ ନିଜ ଦୈନିକ ଜୀବନରେ ସାମିଲ କରାଇପାରିବେ । ତେବେ ପ୍ରାତଃ କାଳରେ ଧ୍ୟାନ କଲେ ତାହାର ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

♦ଧ୍ୟାନ ଏକପ୍ରକାର ଶକ୍ତି, ଏହାର ପ୍ରଭାବରେ ଉଭୟ ତନ ଓ ମନ ସୁସ୍ଥ ରହିଥାଏ । ଏବର ଯୁବପିଢ଼ି ଉପରେ କାମର ଚାପ ଖୁବ୍ ଅଧିକ । ଏସବୁକୁ ନିୟନ୍ତ୍ରଣରେ ରଖିବା ସହ ଚାପମୁକ୍ତ ଜୀବନ ଅତିବାହିତ କରିବାକୁ ଚାହୁଁଥିଲେ ଯୋଗ କଲେ ଉତ୍ତମ ପ୍ରଭାବ ଜାଣିପାରିବେ ।

ଭୋଜନ ନିୟମ

ଭୋଜନ କରିବା ପୂର୍ବରୁ ପାଞ୍ଚ ଅଙ୍ଗ (ଦୁଇହାତ, ଦୁଇଗୋଡ଼ ସହ ମୁହଁ)କୁ ଭଲଭାବରେ ଧୋଇବା ଉଚିତ । ଓଦା ପାଦରେ ଭୋଜନ କରିବା ଅତ୍ୟନ୍ତ ଶୁଭଙ୍କର ଭାବେ ଗ୍ରହଣ କରାଯାଏ । ସ୍ୱାସ୍ଥ୍ୟ ଭଲ ରହିବା ସହ ଆୟୁ ବଢ଼େ ବୋଲି ବିଜ୍ଞ ବ୍ୟକ୍ତିଙ୍କ ମତ । ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ଖାଇବା ଉଚିତ । ଏହି ଦିଗକୁ ମୁହଁ କରି ଖାଇବା ଦ୍ୱାରା ଶରୀରକୁ ପୂର୍ଣ୍ଣ ମାତ୍ରାରେ ଶକ୍ତି ମିଳେ । ଦକ୍ଷିର ଦିଗ ଆଡ଼କୁ ମୁହଁ କରି ଖାଇବା ଅନୁଚିତ । ପଶ୍ଚିମ ଦିଗକୁ ମୁହଁ କରି ଖାଇଲେ ରୋଗ ବଢ଼େ ବୋଲି ପ୍ରାଚୀନ ମାନ୍ୟତା ରହିଛି । ବିଛଣା ଉପରେ ବସି ଖାଇବା ସମ୍ପୂର୍ଣ୍ଣ ଅନୁଚିତ । ଖାଇବା ଥାଳିକୁ ହାତରେ ଧରି ଖାଇବା ମଧ୍ୟ ଗ୍ରହଣୀୟ ନୁହେଁ । ଗୋଟିଏ ସ୍ଥାନରେ ବସି ଖାଇବା ଉଚିତ । ଚାଲିବୁଲି ଖାଇଲେ ହଜମ ଠିକ୍ ଭାବରେ ହୁଏନାହିଁ ।

ଟି-ଲେନ୍‌ଥ ଡ୍ରେସ୍

ଟି-ଲେନ୍‌ଥ ଡ୍ରେସ୍ ଆଣ୍ଠୁ ତଳକୁ ଏବଂ ଆଙ୍କେଲ ଉପରକୁ ରହିଥାଏ । ନା ଅଧିକ ଖୋଲା ନା ଅଧିକ ଢାଙ୍କି ରଖିଥାଏ । ତେଣୁ ଏବେ ଏହି ଷ୍ଟାଇଲ୍ ଟ୍ରେଣ୍ଡ୍‌ରେ । ବର୍ଷାଦିନ ପାଇଁ ଟି-ଲେନ୍‌ଥ ଡ୍ରେସ୍ ପରଫେକ୍ଟ । ଆଙ୍କେଲ ଉପରକୁ ରହୁଥିବାରୁ ବର୍ଷାରେ ଆପଣଙ୍କ ଡ୍ରେସ୍ ଖରାପ ହେବାର ସମ୍ଭାବନା କମ୍ । ବଲିଉଡ୍ ସେଲିବ୍ରିଟିଙ୍କ ମଧ୍ୟ ଏହି ଷ୍ଟାଇଲ୍ ଖୁବ୍ ପସନ୍ଦ । ତେବେ ଟି-ଲେନ୍‌ଥ ଡ୍ରେସ୍‌କୁ ଆପଣ କିପରି ଷ୍ଟାଇଲ୍ ଷ୍ଟେଟମେଣ୍ଟରେର ସାମିଲ କରିବେ ଜାଣନ୍ତୁ କିଛି ଟିପ୍ସ ।

ଫ୍ଲୋରାଲ କଟନ୍:

ଫ୍ଲୋରାଲ ପ୍ରିଣ୍ଟ ଡ୍ରେସ୍ ସୁନ୍ଦର ଲାଗିଥାଏ । ଏହି ପ୍ରିଣ୍ଟର ଟି-ଲେନ୍‌ଥ ଡ୍ରେସ୍ ଏଲିଗାଣ୍ଟ ଲୁକ୍ ଦେଇଥାଏ । ତେବେ ଏହା ଯଦି କଟନ୍ ହୋଇଥିବ ଆହୁରି ଭଲ । କାରଣ ଆପଣ ଏହାକୁ ଡେଲି ରୁଟିନ୍‌ରେ ମଧ୍ୟ ସାମିଲ୍ କରିପାରିବେ ।

ବଲି ଫିଟିଙ୍ଗ୍:

ଯଦି ଆପଣ ସ୍ଲିମ୍ ଟ୍ରିମ୍ ଅଛନ୍ତି ତା' ହେଲେ ବଡି ଫିଟିଙ୍ଗ୍ ଟି-ଲେନ୍‌ଥ ଡ୍ରେସ୍ ନିଅନ୍ତୁ । ଆଉଟିଙ୍ଗ୍ ଏବଂ ପାର୍ଟି ପାଇଁ ବଡି ଫିଟିଙ୍ଗ୍ ଡ୍ରେସ୍ ଭଲ ମାନିଥାଏ । ସିମରି, ବବଲଗମ୍ ପିଙ୍କ୍, ରୟାଲ୍ ବ୍ଲୁ, ଆଇଭୋରି ରେଡ୍ ରଙ୍ଗର ଡ୍ରେସ୍ କ୍ୟାରି କରନ୍ତୁ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ।

ଅଫ୍ ସୋଲ୍ଡର:

ଅଫ୍-ସୋଲ୍ଡର ଟପ୍ ଝିଅମାନଙ୍କର ଖୁବ୍ ପସନ୍ଦ । ହେଲେ ଏଥର ଟପ୍ ବଦଦଳରେ ଟି-ଲେନ୍‌ଥ ଅଫ୍ ସୋଲ୍ଡର ଡ୍ରେସ୍ ନିଅନ୍ତୁ । ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ସାଙ୍ଗମାନଙ୍କ ସହ ଆଉଟିଂରେ ପିନ୍ଧି ଯାଇପାରିବେ । ସିଲ୍କ, କଟନ୍, କାନଭାସ୍, ଭେଲଭେଟ୍ ଫ୍ୟାବ୍ରିକ୍ ନିଅନ୍ତୁ ।

ଫର୍ ଡ୍ରେସ୍:

ପୁରୁଣା ଡିଜାଇନର୍ ଡ୍ରେସ୍ ପିନ୍ଧି ବିରକ୍ତ ହୋଇଗଲେଣି କି ? ଫର୍ ଡ୍ରେସ୍ ସାମିଲ କରନ୍ତୁ ୱାର୍ଡରୋବ୍‌ରେ । ଟି-ଲେନ୍‌ଥ ଫର୍ ଡ୍ରେସ୍ ଫ୍ୟାଶନେବଲ ଲୁକ୍ ଦେଇଥାଏ । ଥିମ୍ ପାର୍ଟି ପାଇଁ ଏହି ଡିଜାଇନର୍ ଡ୍ରେସ୍ ବେଷ୍ଟ୍ ହୋଇଥାଏ । ଯଦି ଆପଣ ଏହି ଡ୍ରେସ୍‌ରେ ଆରାମ ଅନୁଭବ କରନ୍ତି, ତା'ହେଲେ ସବୁ ସମୟରେ କ୍ୟାରି କରିପାରିବେ ।

ଷ୍ଟାଇପଡ୍ ଟୁ-ପିସ୍:

ଷ୍ଟାଇପଡ୍ ପାଟର୍ନ ଡିଜାଇନ୍ ସବୁବେଳେ ହିଟ୍ । ଷ୍ଟାଇପଡ୍ ଟୁ-ପିସ୍ ଟି ଲେନ୍‌ଥ ଡ୍ରେସ୍‌କୁ ବର୍ଷାଦିନିଆ ଫଙ୍କି ଫୁଟୱେୟର ସହିତ ମ୍ୟାଚ୍ କରି ପିନ୍ଧିପାରିବେ । ବର୍ଷାଦିନେ ଏହି ଡିଜାଇନର୍ ଡ୍ରେସ୍‌କୁ ଆରାମରେ କ୍ୟାରି କରିପାରିବେ । କୁଲ୍ ଲୁକ୍ ଦେଇଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସାଂଘାତିକ ଅବସ୍ଥା...

ବିଶ୍ୱରେ ଜନସଂଖ୍ୟା ହୁ ହୁ ହୋଇ ବଢି ଚାଲିଛି । ଜନସଂଖ୍ୟା ନିୟନ୍ତ୍ରଣ ନେଇ ଏବେଠାରୁ କଡ଼ା ବ୍ୟବସ୍ଥା ଓ ପଦକ୍ଷେପ ଗ୍ରହଣ କରାନଗଲେ ଅବସ୍ଥା ନିୟନ୍ତ୍ରଣ ବାହାରକୁ ଚାଲିଯିବା ଥୟ । ଭାରତରେ ଜନବହୁଳତା ଏବେ ତ୍ୱରିତ ଗତିରେ ବଢି ଚାଲିଛି । ଯେଉଁମାନେ ଜନସଂଖ୍ୟା ନେଇ ପରିସଂଖ୍ୟାନ ସଂଗ୍ରହ କରୁଛନ୍ତି, ସେମାନଙ୍କ ପୂର୍ବାନୁମାନ ଦେଖିଲେ ଜଣାଯିବ ଯେ, ସମୟ ଆସିବ ଯେତେବେଳେ ଭାରତର ଜନସଂଖ୍ୟା ଚୀନ୍ ଜନସଂଖ୍ୟାକୁ ଟପିଯିବା କିଛି ବିଚିତ୍ର ହେବ ନାହିଁ । ଅନୁମାନ କରାଯାଉଛି,ବର୍ତ୍ତମାନ ଚୀନ୍ ଦେଶର ଯାହା ଜନସଂଖ୍ୟା ରହିଛି, ତାହାକୁ ୨୦୨୩ ବେଳକୁ ଭାରତ ଟପିଯାଇପାରେ । ଏହା କେତେ ଅଧିକ ଚିନ୍ତାଜନକ, କୁହାଯାଇ ନପାରେ । ଚଳିତବର୍ଷ ବିଶ୍ୱର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚି ସାରିଛି । ସମଗ୍ର ବିଶ୍ୱରେ ଜନସଂଖ୍ୟା ବୃଦ୍ଧି ହାର ଓ ମାତ୍ରା ଉଣା ହେବାର ଦେଖାଯାଉନାହିଁ । ସେହି ଆଧାରରେ ପୂର୍ବାନୁମାନକାରୀଙ୍କ ଆଶଙ୍କା ରହିଛି । ୨୦୫୦ ବେଳକୁ ଭାରତର ଜନସଂଖ୍ୟା ୧୬୬ କୋଟି ହୋଇଯାଇଥିବ ବୋଲି ସେମାନଙ୍କ ଅନୁମାନ ପାଇଁ ଏମିତିରେ ପ୍ରମାଣ ଲୋଡ଼ାନାହିଁ ଆଶଙ୍କା କରାଯାଉଛି, ଜନସଂଖ୍ୟାବହୁଳ ଚୀନ୍‌ର ଏକ ପରିବାର ଏକ ସନ୍ତାନ' ଫର୍ମୁଲା ଅକାମୀ ହୋଇସାରିଲାଣି । ଚୀନ୍ ଦମ୍ପତି ଏକାଧିକ ସନ୍ତାନ ପାଇଁ ପ୍ରତିଯୋଗିତା କରୁଛନ୍ତି । ଭାରତ ପରିବାର ନିୟନ୍ତ୍ରଣ ସୂତ୍ରକୁ ପରବାୟ କରୁନଥିବାରୁ ୨୦୨୩ ବେଳକୁ ତାହାର ଜନସଂଖ୍ୟା ଚୀନ୍‌କୁ ଟପିଯିବା ସୁନିଶ୍ଚିତ । ୨୦୨୦ ବେଳକୁ ଏହା ହେବାର ଆଶଙ୍କା ଅଧୁକ ଦୃଢ ହେବାରେ ଲାଗିଛି । ଏକ ସମୟରେ ଭାରତ ସରକାର ଜନ୍ମନିୟନ୍ତ୍ରଣକୁ ବାଧ୍ୟତାମୂଳକ କରିଥିଲେ । ସୀମିତ ସଂଖ୍ୟାରେ ସନ୍ତାନ ଜନ୍ମ କରିବାକୁ ଆଇନତଃ ବାଧ୍ୟତାମୂଳକ କରାଯାଉଥିଲା ।ଏହା ପଛରେ ଗୋଟିଏ କାରଣ ଥିଲା, ବାଧ୍ୟତାମୂଳକ ଜନ୍ମ ନିୟନ୍ତ୍ରଣ କରାଯିବା ହେତୁ ତାହା ସାଧାରଣରେ ତୀବ୍ର ପ୍ରତିକ୍ରିୟାର କାରଣ ହେଲା । ସେହି ସମୟଠାରୁ ଜନସଚେତନତା ସୃଷ୍ଟି ଅଭିଯାନ ଆରମ୍ଭ ହୋଇଗଲା ସମସ୍ତଙ୍କ ଭିତରେ । ସନ୍ତାନ ଜନ୍ମ ନେଇ ସଚେତନତା ସୃଷ୍ଟି ସତ୍ତ୍ୱେ ବଂଶବିସ୍ତାର ଉପରେ ଅଙ୍କୁଶ ଲଗାଯାଇ ପାରିନାହିଁ । ଜନ୍ମ ନିୟନ୍ତ୍ରଣକୁ କଠୋର ଆଇନ ପ୍ରଣୟନ ଦ୍ୱାରା ରୋକାଯାଇ ପାରିନପାରେ । ଏଥିପାଇଁ ଆବଶ୍ୟକ ବ୍ୟାପକ ଜନସଚେତା । ପରିସ୍ଥିତି ନିର୍ବିଶେଷରେ କେଉଁ ଦେଶରେ ଜନ୍ମହାରରେ ଭିନ୍ନତା ରହିଛି ଓ ରହିବ । ମାତ୍ର ଭାରତ ଓ ଚୀନ ଭିତରେ ଯେମିତି ଜନସଂଖ୍ୟା ବୃଦ୍ଧି ପ୍ରତିଯୋଗିତା ଅଲକ୍ଷ୍ୟରେ ହେଉଛି ତାହାର ତୁଳନା ନାହିଁ । ସରକାରୀ ନିୟମକାନୁନ କଟକଣା ବାହାରେ ସାମାଜିକ ପସନ୍ଦ-ନାପସନ୍ଦର ରହିଛି ଭୂମିକା । ଅବଶ୍ୟ ଆଜିକାଲି କଟକଣାର କିଛି ମୂଲ୍ୟ ରହୁନାହିଁ । ତେବେ ଶିଶୁ ଜନ୍ମ କଥା ଦୂରେ ଥାଉ, ଆଧୁନିକ ପିଢ଼ିର ପିଲାମାନେ ବିଳମ୍ବରେ ସନ୍ତାନ ଜନ୍ମ କିମ୍ବା ପୁରା ନିସନ୍ତାନ ରହିବାକୁ ପସନ୍ଦ କରୁଥିବାର ଦେଖାଯାଉଛି । ତାହ ଶିଶୁ ଭ୍ରୁଣହତ୍ୟାଭଳି ଅପରାଧ ବଢାଇବାର କାରଣ ହୋଇ ଦେଖାଯାଉଛି । ତାହା ଅବାଞ୍ଛିତ ମାତୃତ୍ୱ ବୃଦ୍ଧି ଓ ତଦ୍‌ଜନିତ ସାମଜିକ ବିଶୃଙ୍ଖଳାର ପ୍ରମୁଖ କାରଣ । ଜନସଂଖ୍ୟା ବିସ୍ଫୋରଣର ଯେଉଁ ଏକାଧିକ କାରଣ ସମସ୍ତଙ୍କୁ ବିଚଳିତ କରୁଛି, ବିକାଶର ଯାତ୍ରାରେ ତାହା ବାଧକ ହେଉଛି । ବିଭିନ୍ନ ଦେଶରେ କରୋନା ସଂକ୍ରମଣ ପାଇଁ ଯେଉଁଭଳି ବିକାଶର ବେଗ ସୀମିତ ହୋଇଗଲା, ଜନସଂଖ୍ୟା ବୃଦ୍ଧିପାଇଁ ମଧ୍ୟ ତାହା ବ୍ୟାହତ ହୋଇଗଲା । ଯଦି ସତକୁ ସତ ଭାରତର ଜନସଂଖ୍ୟା ଚୀଠାରୁ ଅଧିକ ହୋଇଯାଏ ପରିସ୍ଥିତି ଅସମ୍ଭାଳ ହୋଇ ପଡ଼ିବ । ଚୀନ୍‌ର କର୍ମ ମାନବସମ୍ବଳକୁ ଦେଖିଲେ ଭାରତରେ କିଛି ଉଣାନାହାନ୍ତି । ମାତ୍ର ତାହାର ଉପଯୋଗ ଦିଗରେ ଯଥାବିଧ ପଦକ୍ଷେପ ନେବାରେ ଜନସଂଖ୍ୟା ବଡ଼ ପ୍ରତିବନ୍ଧକ ହୋଇ ଛିଡ଼ାହେଉଛି । ଯଦି ସୁଯୋଗର ସଦୁପଯୋଗ ନେଇ ସଠିକ୍ ପଦକ୍ଷେପ ନିଆଯାଇପାରନ୍ତା, ତାହା ପରିବାର ନିୟନ୍ତ୍ରଣ ପାଇଁ ଭାରତକୁ ସଫଳ ପ୍ରୟୋଗଶାଳାରେ ପରିଣତ କରିପାରନ୍ତା ବୋଲି ଜନସଂଖ୍ୟାବିତ୍ ମାନେ ମତ ଦିଅନ୍ତି । ପରିବାର ନିୟନ୍ତ୍ରଣ ଓ କଲ୍ୟାଣରେ କିଛି ଶବ୍ଦଗତ ପାର୍ଥକ୍ୟ ନଥାଇପାରେ । ଜନ ସଚେତନତା ସୃଷ୍ଟି ଓ ନିଃସଙ୍କୋଚ ପ୍ରୟୋଗ କରାଯାଇପାରିଲେ ଏହାକୁ ମାନବସମ୍ବଳ ଭାବେ ଉପଯୋଗ କରାଯିବା ସହ ବିକାଶଧାରାକୁ ଅଧୁକ ଫଳପ୍ରସୂ କରିହେବ। ଜାପାନ ଏବଂ କେତେକ ୟୁରୋପୀୟ ରାଷ୍ଟ୍ରରେ ଏବେ ଜନସଂଖ୍ୟା ହ୍ରାସ ମଧ୍ୟ ଚିନ୍ତାର କାରଣ ପାଲଟିଛି। ସେଠାରେ ବିବାହ ବିମୁଖତା, ସନ୍ତାନ ଜନ୍ମ ପାଇଁ ଅନାଗ୍ରହ ଏକ ସାମାଜିକ ସମସ୍ୟାର ରୂପ ଧାରଣ କରିଛି । ଏଥିପାଇଁ କେତେକ ରାଷ୍ଟ୍ରରେ ଯୁବବର୍ଗଙ୍କ ସଂଖ୍ୟା ହ୍ରାସ ପାଇଚାଲିଥିବାବେଳେ ବୟୋବୃଦ୍ଧଙ୍କ ସଂଖ୍ୟା ବଢ଼ିଚାଲିଛି । ସେହିସବୁ ରାଷ୍ଟ୍ର ମାନବସମ୍ବଳ ପାଇଁ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ ହେଉଛନ୍ତି । କିନ୍ତୁ ଆଫ୍ରିକା ଏବଂ ଏସୀୟ ରାଷ୍ଟ୍ରମାନେ ସଦାସର୍ବଦା ବିଶ୍ୱର ଜନବିସ୍ଫୋରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି । ବିଂଶ ଶତାବ୍ଦୀର ମଭାଗରୁ ଅଦ୍ୟାବଧି ଅଧିକାଂଶ ଆଫ୍ରିକୀୟ ଓ ଏସୀୟ ରାଷ୍ଟ୍ରରେ ଜନସଂଖ୍ୟା ବୃଦ୍ଧି ବିଶ୍ୱ ଜନସଂଖ୍ୟା ସନ୍ତୁଳନକୁ ଓଲଟପାଲଟ କରି ରଖିଛି । ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ, ବିଶ୍ୱ ଉତ୍ତାପନ ଏବଂ ଖାଦ୍ୟ ସଂକଟ ଭଳି ସମସ୍ୟାକୁ ଦୃଷ୍ଟିରେ ରଖି ଏଥିରେ ଯଥାଶୀଘ୍ର ସନ୍ତୁଳନ ରକ୍ଷା କରିବା ଜରୁରି ବୋଲି ପ୍ରତୀୟମାନ ହୁଏ।

ଯୋଜନା ଫର୍ଦ୍ଦରେ ବିକାଶର ସ୍ୱପ୍ନ

ଡକ୍ଟର ଲକ୍ଷ୍ମଣ ସାହୁ

ସ୍ୱାଧୀନତା ପରବର୍ତ୍ତୀ ୧୯୫୧ ମସିହାରୁ ଆରମ୍ଭ କରି ଭାରତର ପ୍ରଥମ ପାଞ୍ଚ ବର୍ଷର ଯୋଜନା ମୁଖ୍ୟତଃ (ନଦୀ) ବନ୍ଧ ଏବଂ ଜଳସେଚନରେ ବିନିଯୋଗ ସମେତ କୃଷି କ୍ଷେତ୍ର ଦ୍ୱାରା ପରିଚାଳିତ ହୋଇଥିଲା । ପରେ ୧୯୫୨ ର ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମ ଗ୍ରାମଗୁଡିକର ବିକାଶ ଉପରେ ଧ୍ୟାନ ଦେଇଥିଲା । ଯଦି ଦେଖାଯାଏ, ୨୬ ଜାନୁୟାରୀ ୧୯୫୦ ରେ ସମ୍ବିଧାନ କାର୍ଯ୍ୟକାରୀ ହେବା ପରେ, ଏହା ଦେଶରେ ବିକାଶର ଦୁଇଟି ମଡେଲ୍ ଥିଲା । ଯେଉଁଠି କେବଳ ଭାରତକୁ ଦ୍ରୁତ ଗତିରେ ପଦକ୍ଷେପ ନେବାକୁ ପଡ଼ିବାକୁ ସଂକଳ୍ପ ନିଆଯାଇଥିଲେ ମଧ୍ୟ ଗୋଟିଏ ବର୍ଷ ମଧ୍ୟରେ ସମ୍ପ୍ରଦାୟର ବିକାଶ କାର୍ଯ୍ୟକ୍ରମ ବିଫଳ ହେଲା । ଏହି ବିଫଳତା ପରେ ପଞ୍ଚାୟତ ରାଜ ବ୍ୟବସ୍ଥା ସାମ୍ନାକୁ ଆସିଥିଲା । ଯାହା ବର୍ତ୍ତମାନ ସମୟରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପରିପ୍ରେକ୍ଷୀରେ ବିକାଶର ଏକ ପ୍ରମୁଖ ରୂପ ଅଟେ । ୨୦୧୫ ରେ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ସମୟରେ ୧ ଜାନୁଆରୀ ୨୦୧୫ ଠାରୁ ଏନଆଇଟିଆଇ (NITI) ଆୟୋଗ ଏକ ଆଦର୍ଶବାଦୀ ସଂସ୍ଥା ଭାବରେ ପ୍ରତିଷ୍ଠିତ ହୋଇଥିଲା । ଯାହା କ୍ରମାଗତ ଭାବରେ ଚାଲିଥିଲା। ଉପରୋକ୍ତ କେତେକ ସନ୍ଦର୍ଭରୁ ଏହା ପ୍ରତିଫଳିତ ହୋଇଛି ଯେ ବିକାଶର ମଡେଲ ଦେଶରେ ସର୍ବଦା ରହିଥାଏ ।

୧୯୯୧ରେ ଉଦାରୀକରଣର ସଂକଳ୍ପ ଏକ ନୂତନ ଅର୍ଥ ଗ୍ରହଣ କରିବାକୁ ଯାଉଥିଲା । ଯେତେବେଳେ ବିଶ୍ୱ ବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ତମ ଶାସନ ଯୁଗରେ ବିଶ୍ୱ ଉତ୍ତମ ଶାସନ ଗ୍ରହଣ କରିଥିଲା । ଗତ ତିନି ଦଶନ୍ଧି ମଧ୍ୟରେ ଦେଶର ବିକାଶ ଢାଞ୍ଚା ଦେଖିବାକୁ ମିଳେ । ଏହି ଉତ୍ତମ ଶାସନର ସ୍କ୍ରିପ୍ଟ ମଧ୍ୟ ବିସ୍ତାର ହେଲା, ଷୋଡଶ ଲୋକସଭା ନିର୍ବାଚନ ସମୟରେ ବିକାଶ ଦୃଢ ଏବଂ ପୁନଃ ପ୍ରତିରୂପ ଥିଲା । ବିହାରର ବିକାଶ ମଡେଲ ଯେଉଁଥିରେ ବିହାରର ଶାନ୍ତି, ଆଇନ ଶୃଙ୍ଖଳା ବ୍ୟବସ୍ଥାର ମୌଳକ ପରିବର୍ତ୍ତନ ଦାବି ହୋଇଛି । ସମୟକ୍ରମେ ଉତ୍ତରପ୍ରଦେଶ ମଧ୍ୟ ସେବା, ସୁରକ୍ଷା, ୟୁନିଅନ ଟେରିଟୋରୀ ଏବଂ ଡୋମିନିଅନ ପାଇଁ ଉତ୍ସର୍ଗୀକୃତ ଏକ ନୂତନ ସ୍ଥିତାବସ୍ଥା ତିଆରି କରିଛି । ଯେଉଁଠାରେ ରାଜ୍ୟଗୁଡିକ ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟି ରହିଛି । ସତର୍କ ନେଟୱାର୍କ, ସାମାଜିକ ସୁରକ୍ଷା ଓ ଇକୋ-ଅର୍ଥନୀତି ଉପରେ ଗୁରୁତ୍ୱ ଦେଇ ହିତାଦୀକାରୀଙ୍କ ବିକାଶ ଏକ ଉଦାହରଣରେ ପରିବେଷଣ କରାଯାଉଛି ।

୨୦୦୦ ମସିହାରେ ଛତିଶଗଡକୁ ବିକାଶର ଏକ ଉତ୍ତମ ଉଦାହରଣ ଭାବରେ ଦେଖାଯାଉଛି । କାରଣ ବେକାରୀ ହାରକୁ ସର୍ବନିମ୍ନ ସ୍ତରରେ ୦.୬ ପ୍ରତିଶତକୁ ଆଣିଛି । ସମାନ ଧାଡିରେ, ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଭଳି ଦକ୍ଷିଣ ସମେତ ଅନେକ ରାଜ୍ୟ ଅନ୍ତର୍ଭୁକ୍ତ ମୋଡରେ ନିଜ ନିଜ ଫର୍ମାଟ ଉପସ୍ଥାପନ କରିବାକୁ କହୁଛନ୍ତି । ଉତ୍ତରପ୍ରଦେଶ ଓ ଉତ୍ତର ପୂର୍ବର ଅନେକ ରାଜ୍ୟ, ଯାହା ଏପର୍ଯ୍ୟନ୍ତ କୋ ?ଣସି ବିକାଶ ମଡେଲ ପାଇନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବି ସହଯୋଗୀ କ୍ଷେତ୍ରରେ ହେଉ ଅବା ବାଣିଜ୍ୟ, ଶିଳ୍ପ, ମାନବ ବିକାଶ, ଅର୍ଥନୈତିକ ବା ସାମାଜିକ କ୍ଷେତ୍ର । ନାଗରିକ-କେନ୍ଦ୍ରିକ ଶାସନ ଏହିପରି ବିକାଶର କିଛି ଉଦାହରଣ ଅଟେ । ଜନସଂଖ୍ୟାର ଅର୍ଥନୈତିକ ତଥା ଉନ୍ନତି, ସ୍ୱାସ୍ଥ୍ୟ ତଥା ଶିକ୍ଷା ସୁବିଧା, ଅନ୍ୟାନ୍ୟ ପ୍ରସଙ୍ଗରେ ସୁରକ୍ଷା ଯୋଗାଇବା ପାଇଁ ଏହା ସରକାରଙ୍କ ଦ୍ୱାରା ବିକଶିତ ଏବଂ କାର୍ଯ୍ୟକାରୀ କରାଯାଇଛି । ମନେ ରଖିବା ଉଚିତ ଯେ ଅଭିବୃଦ୍ଧି ଢାଞ୍ଚା କାରକ ଉପରେ ନିର୍ଭର କରେ । ଏହା ଉତ୍ତମ ଶାସନ ସହିତ ଘନିଷ୍ଠ ଅଟେ ।

ଯଦି ଦେଖାଯାଏ, ବିକାଶ ହେଉଛି ଏକ ପ୍ରକାର ପରିବର୍ତ୍ତନ ଯାହା ଲୋକଙ୍କ ସହ ଜଡିତ । ଯେତେବେଳେ ଏହି ବିକାଶ ଏକ ଉନ୍ନତ ପର୍ଯ୍ୟାୟ ନିଏ, ସେତେବେଳେ ଆଶା କରାଯାଉଥିବା ଫଳାଫଳଗୁଡିକ ଦାରିଦ୍ର, ରୋଗ, ବେକାରୀ, କୃଷକ କଲ୍ୟାଣ, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସୁବିଧା, ଶିକ୍ଷା, ସହର ତଥା ଗ୍ରାମାଞ୍ଚଳର ବିକାଶ ପରି ଅନେକ ମୌଳିକ ପ୍ରସଙ୍ଗ ଉପରେ ବାରମ୍ବାର ପୁନରାବୃତ୍ତି ହୁଏ । ଯାହା ଫଳରେ ବିକାଶ ଏକ ମଡେଲ ଭାବରେ ପ୍ରତିଷ୍ଠିତ ହୁଏ । ବିକାଶକୁ ତ୍ୱରାନ୍ୱିତ କରିବାରେ ଉତ୍ତମ ସରକାର ଏବଂ ଉତ୍ତମ ପ୍ରଶାସନରପ୍ର ମୁଖ ଭୂମିକା ରହିଛି । ସ୍ୱଚ୍ଛ ବ୍ୟବସ୍ଥା, ଜନସାଧାରଣଙ୍କ ଅଂଶଗ୍ରହଣ, କ୍ଷମତାର ବିକେନ୍ଦ୍ରୀକରଣ, ଦାୟିତ୍, ଆଇନର ନିୟମ ଏବଂ ସମ୍ବେଦନଶୀଳତା ସହିତ ଜନ କଲ୍ୟାଣର ଅନ୍ତର୍ନିହିତ ଦୃଷ୍ଟିକୋଣ ଉତ୍ତମ ଶାସନର ଧାରଣାକୁ ଦୃଢ କରିଥାଏ ।

ଏହା ସ୍ପଷ୍ଟ ଯେ ବିକାଶ ଓ ଉତ୍ତମ ଶାସନ ପରସ୍ପର ପାଇଁ ସହାୟକ ହୋଇଥାଏ । ଏକ ଶକ୍ତିଶାଳୀ ବିକାଶ ମଡେଲ ଉତ୍ତମ ଶାସନକୁ ଶକ୍ତି ଦେଇପାରେ । ଏପରିକି ଦୃଢ ଶାସନ ଏବଂ ସ୍ଥାୟୀ ବିକାଶ ପାଇଁ ସ୍ଥିରତା ପ୍ରଦାନ କରିପାରି ଥାଏ । ଏହି ଉଭୟ ପରିସ୍ଥିତିରେ, ଜନସାଧାରଣଙ୍କ ଚିନ୍ତା ଅନ୍ତର୍ନିହିତ ଏବଂ ଏହା ମଧ୍ୟ ଏକ ନିର୍ଦ୍ଦିଷ୍ଟ ଦେଶ ବା ରାଜ୍ୟର ଉଦ୍ଦେଶ୍ୟ । ସ୍ୱାଧୀନତା ପରେ ଭାରତ ସମୟରେ ଏକ ପ୍ରମୁଖ ଆହ୍ୱାନ ମଧ୍ୟ ଏକ ଦୃଢ ବିକାଶ ମଡେଲ ଖୋଜିବା ଥିଲା । ପଚାଶ ଦଶକରେ, ଏସିଆ, ଆଫ୍ରିକା ଏବଂ ଆମେରିକାର ସମସ୍ତ ଦେଶ ଯାହା ଉପନିବେଶ ଶକ୍ତିରୁ ମୁକ୍ତ ହୋଇଥିଲେ । ଯଦିଓ ବିଶ୍ୱ ବ୍ୟାଙ୍କ ଦ୍ୱାରା ଚୟନକାରୀ ବିକାଶ ପାଇଁ ପ୍ରଦାନ କରାଯାଇଥିବା ଅର୍ଥନୈତିକ ସୁବିଧାଗୁଡ଼ିକର ଉତ୍ତମ ବ୍ୟବହାର କରିବାରେ ସେମାନେ ସକ୍ଷମ ହୋଇପାରିନଥିଲେ । ଯେଉଁ ସବୁ କାରଣରୁ ବିକାଶର ପ୍ରକୃତି ବିଷୟରେ ଚିନ୍ତା କରାଯାଇଥିଲା । ବାସ୍ତବରେ କହିବାକୁ ଗଲେ ଏହି ସମସ୍ତ ଦେଶ ସେହି ଦେଶଗୁଡ଼ିକୁ ନକଲ କରୁଥିଲେ, ଯେଉଁଥିରେ ସେମାନେ କେବଳ ଅନୁସରଣକାରୀ ବା ଅନୁଗାମୀ ଥିଲେ। ଏହାକୁ ଦୃଷ୍ଟିରେ ରଖି ସାଧାରଣ ପ୍ରଶାସନ ଅଧୀନରେ ଅଧ୍ୟୟନ କରିବାର ଅଭ୍ୟାସ ୧୯୫୨ ମସିହାରେ ଆସିଥିଲା।

ଏହାର ଦୁଇ ବର୍ଷ ପରେ, ୧୯୫୪ ମସିହାରେ, ୟୁଏଲ୍ ଗୋସ୍ୱାମୀ, ଜଣେ ଭାରତୀୟ ସରକାରୀ କର୍ମଚାରୀ ମଧ୍ୟ ବିକାଶ ପ୍ରଶାସନର ଧାରଣାକୁ ପ୍ରବର୍ତ୍ତନ କରିଥିଲେ । ଏହାର ଅନ୍ତର୍ନିହିତ ଦିଗ ହେଉଛି ଯେ ପ୍ରତ୍ୟେକ ଦେଶର ନିଜସ୍ୱ ପରିବେଶ ଅଛି । ଯାହା ସାମାଜିକ-ଅର୍ଥନୈତିକ, ସାଂସ୍କୃତିକ ଧାରଣାକୁ ବୁଝିନ ପାରି, ବିକାଶ ପାଇଁ ଏକ ନୀତି ପ୍ରସ୍ତୁତ କରିଥାଏ, ତା'ହେଲେ ଏଥିରେ ଅନେକ ସମସ୍ୟା ରହିଆସିଛି ଯାହା ବହୁ ପରିମାଣରେ ଆର୍ଥିକ ବିପଦରେ ପକାଇପାରେ । ବିଶ୍ୱର ଏହିପରି ସମସ୍ତ ଦେଶ ଶିଳ୍ପାୟନ, ସହରୀକରଣ, ଉତ୍ସଗୁଡିକର ଦୃଢଶୋଷଣ ଏବଂ ସର୍ବଦା ବିକାଶଶୀଳ ପ୍ରଯୁକ୍ତିକୁ ବିକାଶର ଏକ ପ୍ରମୁଖ ମାଧ୍ୟମ ଭାବରେ ବିବେଚନା କରନ୍ତି । ଯେଉଁଠାରେ ଭାରତ ଭଳି ଦେଶ ପାଇଁ ଏକ ଉତ୍ତମ ବିକାଶ ହେଉଛି ଦାରିଦ୍ର୍ୟ, ରୋଗ, ବେକାରୀ, ଶିକ୍ଷା, ଔଷଧ ଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଯୋଗାଯୋଗକୁ ମଜବୁତ କରିବା । ମହିଳା ସଶକ୍ତିକରଣ ଏବଂ ନିରାପତ୍ତାକୁ ଦୃଢ କରିବା ଦିଗରେ ଗ୍ରହଣ କରାଯାଇପାରିବ । ଯଦିଓ ଭାରତ ବର୍ତ୍ତମାନ ଡିଜିଟାଲ୍ ପରିଚୟ , ନୂତନ ଟେକ୍ନୋଲୋଜି ଗ୍ରହଣ କରି ଫିଣ୍ଟେକ୍ ବିପ୍ଳବ ସହିତ ଅନେକ କ୍ଷେତ୍ରରେ ଲମ୍ଫ ଦେଉଛି ।

ଯଦି ଦେଖାଯାଏ, ବିକାଶ ମଡେଲ୍ କେବଳ ଥିମ୍ ବିନ୍ୟାସ ନୁହେଁ, ବରଂ ବଢୁଥିବା ସମସ୍ୟା ଅନୁପାତରେ ସମୟ ସହିତ ବିକଶିତ ଏକ ଉପକରଣ, ଯାହାକୁ ଦୃଢ କରିବାକୁ ପଡିବ । ଉତ୍ତମ ଶାସନ ମାଧ୍ୟମରେ ଜନସାଧାରଣଙ୍କ ଚିନ୍ତାଧାରାକୁ ସଜାଇବା ଏବଂ ଘୋଷଣା କରିବା ସମ୍ଭବ ଅଟେ । ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ଦଶନ୍ଧି ପୂର୍ବରୁ 'ଭିଜନ ୨୦୨୦'ର ଦୃଷ୍ଟିକୋଣ ସହିତ ଭାରତର ବିକାଶ ପାଇଁ ସ୍ୱପ୍ନ ଦେଖିଥିଲେ । ସମସ୍ତ ପ୍ରତିଶ୍ରୁତି ଓ ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନର ସରକାରଙ୍କ ବିକାଶ ମଡେଲ । ଏହା ଅନୁସନ୍ଧାନର ବିଷୟ ଯେ ସଫଳତା କେଉଁଠାରେ ଏବଂ କେତେ ସତ୍ୟ ? ଉତ୍ତମ ଶାସନ ଦୃଷ୍ଟିକୋଣରୁ ବିକାଶ ମଡେଲ ସରକାର ଆସନ୍ତି ଏବଂ ଯାଆନ୍ତି । କିନ୍ତୁ ନାଗରିକ ଅଧିକାର ଏବଂ ସହଜ ଜୀବନ ଯେଉଁମାନେ କି କି ଓ୍ୱାଟରେ ଯୋଗ ଦିଅନ୍ତି ସେମାନେ ସ୍ୱପ୍ନ ଦେଖାଗଲେ ନିରାଶ ହୁଅନ୍ତି, କିନ୍ତୁ ସେମାନେ ଭୂମିରେ ଅବତରଣ କରନ୍ତି ନାହିଁ । ନାଗରିକ ଅଧିକାର ପତ୍ର (୧୯୯୭), ଜାତୀୟ ଶିକ୍ଷା ନୀତି ୨୦୨୦ ସହିତ ଖାଦ୍ୟ ସୁରକ୍ଷା (୨୦୧୩) ବିଭିନ୍ନ ସମୟରେ ବିଭିନ୍ନ ବିକାଶ ମଡେଲ ଅଟେ ।

ସଂକ୍ଷେପରେ କହିବାକୁ ଗଲେ ୨୦୧୧ ଜନଗଣନା ଅନୁଯାୟୀ ଦେଶର ପ୍ରତ୍ୟେକ ଚତୁର୍ଥ ବ୍ୟକ୍ତି ଅଶିକ୍ଷିତ । ଦାରିଦ୍ର୍ୟ ସଂଖ୍ୟା ମଧ୍ୟ ଅଧିକ ବା ଅଧିକ ସମାନ ପରିସ୍ଥିତିରେ ରହିଛି । ଅନ୍ତର୍ଭୁକ୍ତ ଢାଞ୍ଚା ହେଉଛି ଗ୍ରାମୀଣ ଉନ୍ନତି, ସହରୀ ବିକାଶ ଏବଂ ରେଫରେନ୍ସ ପାରାମିଟରରେ ଲୋକଙ୍କ ଆକାଂକ୍ଷାକୁ ପୂରଣ ନକରି ବିକାଶ ଚାଲିଛି କହିଲେ ଠିକ୍ ନୁହେଁ । ଆଦର୍ଶ କେବଳ ଅସମ୍ପୂର୍ଣ୍ଣ ରହିବ ନାହିଁ ବରଂ ଉତ୍ତମ ଶାସନକୁ ମଧ୍ୟ କ୍ଷତି ପହଞ୍ଚାଇବ ।

❤ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦୧୫ ୧୪୭୫

ମହାମାରୀ କୋଭିଡ ଅରି, ଯାଇନାହିଁ ମରି! ସତର୍କ ନହେଲେ କଥା ଯିବ ସରି!

ପ୍ରଦୋଷ କୁମାର ଦାସ

ଓଡିଶା ସମେତ ଆମ ଦେଶର ବିଭିନ୍ନ ପ୍ରାନ୍ତରରେ ଓମିକ୍ରନର ସବ୍ ଭାରିଆଣ୍ଟ ସଂକ୍ରମଣ କ୍ରମଶଃ ବଢୁଥିବାରୁ କୋଭିଡ-୧୯ ମାମଲାର ସଂଖ୍ୟା ବଢିବାରେ ଲାଗିଛି। ଅଧିକାଂଶ ମାମଲାର ନମୁନା ' ବି ଏ.୨, ବି ଏ,୨.୭୫ ସଂକ୍ରମଣକୁ ସୁଚାଉଛି। ଯାହାକି ଚଳିତ ବର୍ଷର ଜାନୁଆରୀ ବେଳେ ୩ୟ ଲହରର ଉପସ୍ଥିତିକୁ ବଳବତ୍ତର କରିଦେଇଥିଲା। ପ୍ରକାଶ ଥାଉକି ଏବେ ବି ଏ ୫ ଭଳି ଭାରିଆଣ୍ଟର ଉପସ୍ଥିତି ସାଧାରଣରେ ଚଳିତ ସମ୍ଭାବ୍ୟ ୪ର୍ଥ ଲହରର ପଦପାତକୁ ସୁନିଶ୍ଚିତ କରାଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ସୂତ୍ରରୁ ପ୍ରକାଶ।

ରାଜ୍ୟରେ ମହାମାରୀ କୋଭିଡର ସଂକ୍ରମଣ ପରାକ୍ରମ ପୁଣି ଦେଖାଯାଇଛି।ବର୍ତ୍ତମାନ ଦିନକୁ ଦିନ କୋଭିଡର ଅନ୍ୟତମ ପ୍ରଜାତି ' ଓମିକ୍ରନ 'ର ସବ୍ ଭାରିଆଣ୍ଟର ସଂକ୍ରମଣ ସାଧାରଣରେ କ୍ରମେ ତାର ପ୍ରଭାବ ବିସ୍ତାର କରିଚାଲିଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତାର ଉଦବେଗ ପ୍ରକାଶ କରି ଏଥି ପ୍ରତି ସମସ୍ତଙ୍କୁ ସତର୍କ ଓ ସଚେତନ ରହିବାକୁ ପରାମର

ବିନୋଦନ

ବିନୋଦନ

ସିନେମା ଓ ମନୋରଞ୍ଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

ବାଜିବ ଶାହାନାଇ, କେଏଲ୍ ରାହୁଲଙ୍କ କନିଆଁ ସାଜିବେ ଆଥିଆ

ବାଜିବ ଶାହାନାଇ। କନିଆଁ ସାଜିବେ ବଲିଉଡ ଅଭିନେତ ସୁନୀଲ ଶେଟ୍ଟୀଙ୍କ ଅଲିଅଳି ଝିଅ। କ୍ରିକେଟର କେଏଲ୍ ରାହୁଲଙ୍କ ହାତ ଧରିବେ ଅଭିନେତ୍ରୀ ଆଥିଆ ଶେଟ୍ଟୀ। ଏଥିପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇସାରିଲାଣି। ଖୁବଶୀଘ୍ର ଦୁହେଁ ବିବାହ କରିବେ।

ମିଡିଆ ରିପୋର୍ଟ ମୁତାବକ, ଆଥିଆ ଓ ରାହୁଲ ଏବେ ବିବାହ କରିବାକୁ ପୂରାପୁରି ପ୍ରସ୍ତୁତ ଅଛନ୍ତି। ଖୁବଶୀଘ୍ର ଦୁହେଁ ବର-କନ୍ୟା ସାଜିବେ। ଆଥିଆ ଓ କେଏଲ୍ ରାହୁଲ ଗତ ୩ ବର୍ଷ ହେଲା ପରସ୍ପରକୁ ଡେଟ୍ କରୁଛନ୍ତି। ଆସନ୍ତା ୩ ମାସ ଭିତରେ ଦୁହେଁ ବିବାହ କରିପାରନ୍ତି। ଏଥିପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି ବୋଲି ଆଥିଆଙ୍କ ଜଣେ ନିକଟ ସମ୍ପର୍କୀୟ ସୂଚନା ଦେଇଛନ୍ତି। ରାହୁଲଙ୍କ ପରିବାର ଲୋକେ ନିକଟରେ ମୁମ୍ବାଇରେ ଆଥିଆଙ୍କ ପରିବାର ସହ ଭେଟିଛନ୍ତି। ଆଥିଆ ଓ ରାହୁଲ ନିଜ ପରିବାର ସହ ନୂଆ ଘରକୁ ଦେଖିବା ପାଇଁ ମଧ୍ୟ ଯାଇଥିଲେ, ଯେଉଁଠି ବିବାହ ପରେ ଉଭୟ ଶିଫ୍ଟ ହେବେ। ମୁମ୍ବାଇରେ ଏହି ଦୁଇ ଷ୍ଟାର କପଲ୍‌ଙ୍କ ଏହି ଗ୍ରାଣ୍ଡ ବିବାହ ହେବ ବୋଲି ଏକ ସୂତ୍ରରୁ ସୂଚନା ମିଳିଛି। ଏହାପୂର୍ବରୁ ଆଥିଆ ଓ ରାହୁଲ ଡିସେମ୍ବର ମାସରେ ବିବାହ କରିବାକୁ ଯାଉଥିବା ନେଇ ଖବର ସାମ୍ନାକୁ ଆସିଥିଲା। ଉଭୟଙ୍କ ଫ୍ୟାନ୍‌ମାନେ ଏବେ ଏହି ଦୁଇ ଷ୍ଟାରଙ୍କ ବିବାହକୁ ବେଶ୍ ଉତ୍ସାହିତ ଅଛନ୍ତି। ଏବେ ଆଥିଆ ଓ ରାହୁଲ ଜର୍ମାନୀରେ ଅଛନ୍ତି। ସେଠାକୁ ରାହୁଲଙ୍କ ସର୍ଜରୀ ପାଇଁ ଉଭୟ ଯାଇଥିଲେ। ସର୍ଜରୀ ପରେ ଆହୁରି ଏକ ମାସ ସେଠାରେ ଆଥିଆ ଓ ରାହୁଲ ରହିବେ। ସେଠାରୁ ଆସିବା ପରେ ବିବାହ ହେବ ବୋଲି କୁହାଯାଉଛି।

ଡ୍ରଗ୍ସ ମାମଲା : ପାସ୍‌ପୋର୍ଟ ଫେରସ୍ତ ପାଇଁ ଆବେଦନ କରିବାକୁ ଆରୟାନ୍‌ଙ୍କୁ ଅନୁମତି ଦେଲେ ମୁମ୍ବାଇ କୋର୍ଟ

ବଲିଉଡ୍ ସୁପରଷ୍ଟାର ଶାହାରୁଖ୍ ଖାନ୍‌ଙ୍କ ପୁଅ ଆରୟାନ୍ ଖାନ୍‌ଙ୍କୁ କ୍ରୁଜ୍ ଡ୍ରଗ୍ସ ମାମଲାରେ ଏନ୍‌ସିବି ନିକଟରୁ କ୍ଲିନ୍‌ଚିଟ୍ ମିଳିବା ପରେ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କୁ ତାଙ୍କର ପାସ୍‌ପୋର୍ଟ ଫେରସ୍ତ ପାଇଁ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। ଡ୍ରଗ୍ସ ମାମଲାରେ ଗତବର୍ଷ ଅକ୍ଟୋବର ମାସରେ ଆରୟାନ୍ ଗିରଫ ହୋଇଥିବା ବେଳେ ଜାମିନ୍ ସର୍ତ୍ତ ମୁତାବକ ସେ ତାଙ୍କ ପାସ୍‌ପୋର୍ଟ ଜମା କରିଥିଲେ। ଏବେ କ୍ଲିନ୍‌ଚିଟ୍ ମିଳିବା ପରେ ସେ ତାଙ୍କ ପାସ୍‌ପୋର୍ଟ ଫେରସ୍ତ ପାଇଁ ଆବେଦନ କରିବାକୁ ଚାହାନ୍ତି। ଗତ ମେ ମାସରେ ଏନ୍‌ସିବି ପକ୍ଷରୁ କରାଯାଇଥିବା ଚାର୍ଜସିଟ୍‌ରେ ଆରୟାନଙ୍କ ନାଁ ନ ରହିଥିବା ବେଳେ ଆରୟାନ୍ ଏହି ମାମଲାରୁ ମୁକ୍ତ ହୋଇଥିଲେ। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ, ୨୦୨୧ ମସିହା ଅକ୍ଟୋବର ମାସ ଆରମ୍ଭରେ 'କ୍ରୁଜ୍ ଜାହାଜ'ରେ ଚଢ଼ାଉ ବେଳେ ଆରୟାନ ଖାନ୍ ଡ୍ରଗ୍ସ ମାଲାରେ ସାମିଲ୍ ବୋଲି ଅଭିଯୋଗ ହୋଇଥିଲା। ଏହାପରେ ଏହି ମାମଲାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ପରେ ଆରୟାନଙ୍କୁ ଗିରଫ କରାଯାଇଥିଲା। ପରେ 'ଡ୍ରଗ ସ୍-ଅନ୍-କ୍ରୁଜ୍' ମାମଲାରେ ଗିରଫ ହୋଇ ମୁମ୍ବାଇ ଆର୍ଥରରୋଡ୍ ଜେଲ୍‌ରେ ଥିବା ଆରୟାନ୍‌ଙ୍କୁ କିଛି ସର୍ତ୍ତ ଭିତ୍ତିରେ ବମ୍ବେ କୋର୍ଟ ଜାମିନ ମଞ୍ଜୁର କରିଥିଲେ। ୧୪ଟି ସର୍ତ୍ତ ରଖି ବମ୍ବେ ହାଇକୋର୍ଟ ଆରୟନ୍‌ଙ୍କ ଜାମିନ ମଞ୍ଜୁର କରିଥିଲେ। ସେହି ସର୍ତ୍ତଗୁଡ଼ିକ ମଧ୍ୟରୁ ଗୋଟାଏ ଥିଲା ପୁଲିସକୁ ନ ଜଣାଇ ଆରୟାନ୍ ମୁମ୍ବାଇରୁ ବାହାରକୁ ଯାଇ ପାରିବେ ନାହିଁ।

କରୀନାଙ୍କ ପାଇଁ ରୋଷେୟା ବନିଲେ ସୈଫ

ଏବେବି ବଲିଉଡର ବେବୋ ଓରଫ୍ କରୀନାଙ୍କ ପ୍ରେମରେ ପାଗଳ ସ୍ୱାମୀ ସୈଫ ଅଲ୍ଲି ଖାନ୍। କରୀନାଙ୍କ ପାଇଁ ସେ ସବୁ କିଛି କରିପାରନ୍ତି। ନିକଟରେ ସାମ୍ନାକୁ ଆସିଥିବା ଏକ ଫଟୋରୁ ଏହା ପ୍ରମାଣିତ ହୋଇଛି।

କରୀନା ପାଇଁ ସୈଫ ସାଜିଲେ ସେଫ୍। ନବାବରୁ ସେ ହେଲେ ରୋଷେୟା। ହାତରେ ଡଙ୍କି ଧରି କରୀନାଙ୍କ ପାଇଁ ରୋଷେଇ କଲେ ଖାଦ୍ୟ। ଅଭିନୟ ସହ ସେ ଦେଖାଇଲେ ନିଜ କୁକିଂ ସ୍କିଲ୍। ସୈଫଙ୍କ ଏହି ରୋଷେଇ କଳା ବେଳର ଫଟୋ ଏବେ ସାମ୍ନାକୁ ଆସିଛି, ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

କରୀନା କପୁର ଖାନ ଏବଂ ସୈଫ୍ ଅଲି ଖାନ ପିଲାଙ୍କ ସହ ଏବେ ଇଂଲଣ୍ଡରେ ଛୁଟି କାଟୁଛନ୍ତି। କରୀନା ଏବଂ ସୈଫ ରବିବାର ସାଙ୍ଗମାନଙ୍କ ସହ ବିଶେଷ ସମୟ ଅତିବାହିତ କରିଥିଲେ। ଗୋଟିଏ ପଟେ କରୀନା ତାଙ୍କ ପୁଅ ଜେହ ସହ ଚିଲ୍ କରୁଥିବାବେଳେ ଅନ୍ୟପଟେ ସୈଫ୍ ଅଲି ଖାନ ରୋଷେଇ ଘରେ ନିଜ ରନ୍ଧନ କୌଶଳ ପ୍ରଦର୍ଶନ କରିଥିଲେ।

କରୀନା କପୁରଙ୍କ ବନ୍ଧୁ ଆଲେକ୍ସଜାଣ୍ଡାର୍ ଗଲିଗାନ୍ ତାଙ୍କ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲରେ ସୈଫ ଏବଂ କରୀନାଙ୍କ କିଛି ଫଟୋ ଶେଆର କରିଛନ୍ତି। ଏଥିରେ ଏହି ଷ୍ଟାର ଦମ୍ପତି କିପରି ନିଜ ଛୁଟି ଦିନ ଇଂଲଣ୍ଡରେ ବିତାଉଛନ୍ତି ତାହା ଦେଖିବାକୁ ମିଳିଛି।

ସୈଫଙ୍କୁ ରାଜକୀୟ ଖାଦ୍ୟ ଖାଇବା ସହ ରାନ୍ଧିବାକୁ ବି ଭଲଲାଗେ। ଯାହା ଭାଇରାଲ ହୋଇଥିବା ଚିତ୍ର ସ୍ପଷ୍ଟ ଦର୍ଶାଉଛି। ଆଲେକ୍ସଜାଣ୍ଡାର୍ ଗଲିଗାନର ଅନ୍ୟ ଏକ ଫଟୋରେ ସୈଫ ରୋଷେଇ ଘରେ ପୂରା ମନଧ୍ୟାନ ଦେଇ ରାନ୍ଧୁଥିବା ନଜର ଆସିଛନ୍ତି।

କିମ୍ କଦର୍ସିୟାଁଙ୍କ ପରି ଦିଶିବାକୁ ୪ କୋଟି ଖର୍ଚ୍ଚ କରିବା ପରେ ନିଜ ଚେହେରା ଫେରି ପାଇବାକୁ ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କଲେ ମଡେଲ୍

ଜଣେ ଅଭିନେତ୍ରୀ ଆମେରିକୀୟ ରିୟଲିଟି ଟିଭି ଷ୍ଟାର କିମ୍ କଦର୍ସିୟାଁଙ୍କ ପରି ଦିଶିବାକୁ ପ୍ରାୟ ୪ କୋଟି ୭ ଲକ୍ଷ ଟଙ୍କା ଖର୍ଚ୍ଚ କରି ସେଥିରେ ଅସନ୍ତୁଷ୍ଟ ହେବାରୁ ପୁଣି ଥରେ ନିଜର ପୂର୍ବ ଚେହେରା ଫେରି ପାଇବାକୁ ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ମଡେଲ୍‌ଙ୍କ ନାଁ ହେଉଛି ଜେନିଫର୍ ପାମ୍ଲନା। ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ୨୯ ବର୍ଷୀୟା ଏହି ବ୍ରାଜିଲ୍‌ର ମଡେଲ୍ କିମ୍ କଦର୍ସିୟାଁଙ୍କ ପରି ଦିଶିବାକୁ ଗତ ୧୨ ବର୍ଷ ମଧ୍ୟରେ ୪୦ଟି କସମେଟିକ୍ ସର୍ଜରି କରି ସାରିଛନ୍ତି। ସେ ପୁଣି ଥରେ କାହିଁକି ନିଜ ଚେହେରା ଫେରି ପାଇବାକୁ ଚାହାନ୍ତି ବୋଲି ପଚରା ଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ମଡେଲ୍ ଜଣକ କହିଛନ୍ତି, 'ମୁଁ ପ୍ରଥମେ କିମ୍ କଦର୍ସିୟାଁଙ୍କ ପରି ଦିଶିବାକୁ ଦିଶିବାକୁ ଚାହୁଁଥିଲି। ମାତ୍ର ଲୋକେ ଯେତେବେଳେ ମୋତେ ଦେଖି କଦର୍ସିୟାଁ ବୋଲି କହିଲେ ତାହା ମୋତେ ଶୁଣିବାକୁ ଆଦୌ ଭଲ ଲାଗିଲାନି। କାରଣ ମୁଁ ମୋର ପରିଚୟ ସୃଷ୍ଟି କରିବାକୁ ଅନେକ ବର୍ଷ ଧରି ପାଠ ପଢ଼ି, ସଂଘର୍ଷ କରି ନିଜକୁ ଛିଡ଼ା କରାଇ ପାରିଛି। ମାତ୍ର ଲୋକେ ସେସବୁକୁ ଅଣଦେଖା କରି କେବଳ ମୁଁ କଦର୍ସିୟାଁଙ୍କ ପରି ଦିଶୁଛି ବୋଲି କହିବାକୁ ଲାଗିଲେ। ମୋର ପରିଚୟ କେବଳ କଦର୍ସିୟାଁଙ୍କ 'ହମ୍‌ସକ୍‌ଲ' ହୋଇ ରହିଗଲା। ଶେଷରେ ମୁଁ ମୋ ନିଜ ପରିଚୟ ଫେରି ପାଇବାକୁ ଚାହିଁଲି। ୪୦ଟି ସର୍ଜରି କରି ଯେପରି ଦିଶିଥିଲି ପୁଣିଥରେ ଏକ ସର୍ଜରି କରି ନିଜ ପରି ଦିଶିବାକୁ ଚାହିଁଲି।'

ପୁଣି ସଲମାନଙ୍କୁ ଧମକ ଦେଲେ ଗ୍ୟାଙ୍ଗଷ୍ଟର

ପୁଣି ବଲିଉଡର ଭାଇଜାନ ସଲମାନ ଖାନ୍‌ଙ୍କୁ ଧମକ। ଗ୍ୟାଙ୍ଗଷ୍ଟରଙ୍କ ଟାର୍ଗେଟ୍‌ରେ ଦବଙ୍ଗ ଖାନ୍। ଏଥର ଖୋଲିଖୋଲି ଧମକ ଦେଲା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ। ଲୋକପ୍ରିୟ ପଞ୍ଜାବୀ ସିଙ୍ଗର ସିଦ୍ଧୁ ମୁସେୱାଲାଙ୍କ ହିତ୍ୟା ପାଇଁ ନିଜକୁ ଦାୟୀ କାରିଥିବା ଲରେନ୍ସ ଅଭିନେତା ସଲମାନ ଖାନ୍‌ଙ୍କୁ ସର୍ବ ସମ୍ମୁଖରେ କ୍ଷମା ମାଗିବାକୁ ଚେତାବନୀ ଦେଇଛି। ଗତମାସରେ ସଲମାନ ଓ ତାଙ୍କ ବାପାଙ୍କ ପାଇଁ ଧମକପୂର୍ଣ୍ଣ ଚିଠି ମିଳିଥିଲା। ଏହାକୁ ନେଇ ବି-ଟାଉନରେ ହଇଚଇ ସୃଷ୍ଟି ହୋଇଯାଇଥିଲା। ଏବେ ପୁଣି ଥରେ ଖୋଲାଖୋଲି ଭାବେ ଲରେନ୍ସ ବିଷ୍ଣୋଇ ସଲମାନଙ୍କୁ ଚେତାବନୀ ଦେଇଛି। ୨୪ ବର୍ଷ ପୁରୁଣା କୃଷ୍ଣସାର ମୃଗ ଶିକାର ମାମଲାରେ ଏହି ଲରେନ୍ସ ଏହି ଚେତାବନୀ ଦେଇଥିବା ଜଣାପଡିଛି। ମିଡିଆ ରିପୋର୍ଟ ମୁତାବକ, ଦିଲ୍ଲୀ ପୁଲିସର ସ୍ପେଶାଲ୍ ସେଲ୍ ଜେଲ୍‌ରେ ବନ୍ଦ ଥିବା ଲରେନ୍ସ ବିଷ୍ଣୋଇଙ୍କୁ ପଚରାଉଚରା କରିଥିଲା। ଏହି ପଚରାଉଚରା ବେଳେ ଲରେନ୍ସ ବିଷ୍ଣୋଇ କହିଥିଲା, 'କୃଷ୍ଣସାର ମୃଗ ଶିକାର ମାମଲାରେ ଆମ କମ୍ୟୁନିଟି କେବେବି ସଲମାନଙ୍କୁ କ୍ଷମା କରିବନି।' ଏଥିପାଇଁ ସଲମାନ ଖାନ୍ ସର୍ବସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଥିଲା। ଗତମାସରେ ମର୍ଣ୍ଣିଂୱାକ୍‌ରେ ଯିବା ବେଳେ ସଲମାନଙ୍କ ବାପା ସଲିମଙ୍କୁ ଏକ ଧମକ ପୂର୍ଣ୍ଣ ଚିଠି ମିଳିଥିଲା। ଏହି ଚିଠିରେ ତାଙ୍କୁ ଓ ସଲମାନ ଖାନ୍‌ଙ୍କ ହତ୍ୟା କରାଯିବା ନେଇ ଧମକ ଦିଆଯାଇଥିଲା। ଏହାପରେ ସଲମାନଙ୍କ ଘରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। କେବଳ ସେତିକି ନୁହେଁ ନିକଟରେ ସଲମାନ ଖାନଙ୍କ ଓକିଲ ହସ୍ତିମଲ ସରସ୍ୱତଙ୍କୁ ମଧ୍ୟ ଲରେନ୍ସ ଗ୍ୟାଙ୍ଗ ତରଫରୁ ଧମକପୂର୍ଣ୍ଣ ଚିଠି ମିଳିଥିଲା। ସିଦ୍ଧୁ ମିସେୱାଲାଙ୍କ ଭଳି ତୁମର ବି ସମାନ ଅବସ୍ଥା ହେବ ବୋଲି ଏହି ଚିଠିରେ ଉଲ୍ଲେଖ ଥିଲା।

୧୧୯ କୋଟିର ଆପାର୍ଟମେଂଟ୍ କିଣିଲେ ଫିଲ୍ମଷ୍ଟାର

୧୧୯ କୋଟିର ବିଳାଶପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି ଫିଲ୍ମଷ୍ଟାର ରଣବୀର ସିଂହ। ଫିଲ୍ମ ସୁପରଷ୍ଟାର ଶାହରୁଖ ଖାନଙ୍କ ଘରକୁ ଲାଗିଛି ଏହି ଚାକଚକ୍ୟ ଘର। ଏହି ଘରର ଠିକ୍ ସମ୍ମୁଖରେ ରହିଛି ସମୁଦ୍ର। ମୁମ୍ବାଇ ଅନ୍ତର୍ଗତ ବାନ୍ଦ୍ରାର ପୋଶ ଅଞ୍ଚଳରେ ଏହି ସ୍ଥାନ ସମସ୍ତଙ୍କର ଖୁବ୍ ପସନ୍ଦ। ଯେଉଁଠାରେ ସୁପରଷ୍ଟାର ଶାହରୁଖ ଖାନଙ୍କ ସମେତ ଅନେକ ବଲିଉଡ ସେଲିବ୍ରିଟି ବାସ କରନ୍ତି। ରିପୋର୍ଟ ଅନୁଯାୟୀ, ରଣବୀର ସିଂହ ଓ ତାଙ୍କ ପିତା ଜଗଜିତ୍ ସୁନ୍ଦର ସିଂହ ଭବନାନୀଙ୍କ ଫାର୍ମ 'ଓହ ଫାଇଭ ଓହ ମିଡିଆ ୱାର୍କସ୍ ଖଖଚ' ସହିତ ମିଶି ଏହି ବିଳାଶପୂର୍ଣ୍ଣ ବଙ୍ଗଳା କିଣିଛନ୍ତି। ଏହା ଶାହରୁଖ ଖାନଙ୍କ ବାସଭବନ ମନ୍ନତ ନିକଟରେ ରହିଛି। ଏହି ଆପାର୍ଟମେଣ୍ଟଟି ଟାୱାରର ୧୬, ୧୭, ୧୮ ଏବଂ ୧୯ ମହଲାରେ ବ୍ୟାପି ରହିଛି। ଏହି ଆପାର୍ଟମେଣ୍ଟ ସମୁଦାୟ ୧୧,୨୬୬ ବର୍ଗଫୁଟ ଅଞ୍ଚଳକୁ ବ୍ୟାପି ରହିଥିବା ବେଳେ ଏହା ଭିତରେ ୧୩୦୦ ବର୍ଗଫୁଟର ସ୍ୱତନ୍ତ୍ର ଟେରାସ୍ ରହିଛି। ସୂଚନା ଥାଉକି, ୨୦୨୧ ମସିହାରେ ରଣବୀର ଏବଂ ତାଙ୍କ ପତ୍ନୀ ଦୀପିକା ପାଦୁକୋନ ଆଲିବାଗରେ ୨୨ କୋଟି ଡଲାରରେ ଏକ ବଙ୍ଗଳା କିଣିଥିଲେ। ରଣବୀରଙ୍କ ହାତରେ ଏବେ ଅନେକ ଫିଲ୍ମ। ଆଗକୁ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ 'ସିର୍କସ୍'ରେ ରଣବୀର ନଜର ଆସିବେ।

ଏନ୍‌ସିବିର୍ ବଡ଼ ଅଭିଯୋଗ, ସୁଶାନ୍ତଙ୍କୁ ଡ୍ରଗ୍ସ ଅଭ୍ୟାସ କରାଇଥିଲେ ରିଆ

ପୁଣି ଅଡୁଆରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ। ଏବେବି ରିଆ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ରାଡାରରେ ଅଛନ୍ତି। ବଲିଉଡର ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତ ଡ୍ରଗ୍ସ ମାମଲାରେ ଏବେ ଏନ୍‌ସିବି ରିଆଙ୍କ ବିରୋଧରେ ଏକ ବଡ ଅଭିଯୋଗ ଆଣିଛି। ରିଆ ଡ୍ରଗ୍ସ କାରବାର କରୁଥିବା ନେଇ ଏନ୍ ?ସିବି ତା' ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି। କେବଳ ସେତିକି ନୁହେଁ ରିଆ ସୁଶାନ୍ତଙ୍କୁ ଡ୍ରାଗ୍ସ ଖାଇବା ଅଭ୍ୟାସ କରାଥିବା ଏନ୍‌ସିବି ଚାର୍ଜସିଟ୍‌ରେ କହିଛି। ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ସମେତ ସୁଶାନ୍ତ ରାଜପୁତ ଡ୍ରଗ୍ସ ମାମଲାରେ ସମ୍ପୃକ୍ତ ଥିବା ସମସ୍ତ ୩୫ଜଣ ଅଭିଯୁକ୍ତଙ୍କ ନାଁରେ ଏନ୍‌ସିବି ମଙ୍ଗଳବାର ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ଦାଏର କରିଛି। ଯେଉଁଥିରେ ରିଆ ଏବଂ ଅନ୍ୟ ୩୪ ଅଭିଯୁକ୍ତଙ୍କୁ ହାଇ ସୋସାଇଟି ତଥା ବଲିଉଡର ଲୋକଙ୍କୁ ଡ୍ରଗ୍ସ ଯୋଗାଣ ଅଭିଯୋଗ ହୋଇଛି। ସୁଶାନ୍ତ ସିଂହ ରାଜପୁତଙ୍କ ଗାର୍ଲଫ୍ରେଣ୍ଡ ତଥା ଅଭିଯୁକ୍ତ ରିଆ ଚକ୍ରବର୍ତ୍ତୀଙ୍କ ନାଁରେ ହୋଇଥିବା ଅଭିଯୋଗରେ ଉଲ୍ଲେଖ ଅଛି ଯେ, ସେ ସୁଶାନ୍ତ ସିଂହ ରାଜପୁତଙ୍କ ପାଇଁ ଡ୍ରଗ୍ସ କିଣିଥିଲେ। ରିଆ ସାମୁଏଲ୍ ମିରାଣ୍ଡା, ସୌଭିକ ଚକ୍ରବର୍ତ୍ତୀ, ଦୀପେଶ ସାୱନ୍ତ ଏବଂ ଅନ୍ୟମାନଙ୍କଠରୁ ଅନେକ ଥର ଗଞ୍ଜେଇ ଆଣିଛନ୍ତି। ଏହି ଗଞ୍ଜେଇକୁ ଆଣି ସେ ସୁଶାନ୍ତ ସିଂହ ରାଜପୁତଙ୍କୁ ଯୋଗାଇଛନ୍ତି। ରିଆ ୨୦୨୦ ମାର୍ଚ୍ଚ ରୁ ୨୦୨୦ ସେପଟେମ୍ବର ମଧ୍ୟରେ ଏହି ଗଞ୍ଜେଇ ନେଣଦେଣ ମାମଲାରେ ଦେୟ ପୈଠ କରିଥିଲେ। ରିଆଙ୍କ ଭାଇ ସୌଭିକ ମଧ୍ୟ ଡ୍ରଗ୍ସ ପେଡଲର୍ସଙ୍କ ସହ ଲଗାତାର ସମ୍ପର୍କରେ ଥିଲେ। ସେ ଏମାନଙ୍କ ଠାରୁ ଗଞ୍ଜେଇ ଚରସ ମଗାଉଥିଲେ। ଏହି ଗଞ୍ଜେଇ ଆଣି ସୁଶାନ୍ତଙ୍କୁ ଦେଉଥିଲେ ବୋଲି ଏନ୍‌ସିବି ତା' ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛି। ସେହିପରି ସୁଶାନ୍ତଙ୍କ ବନ୍ଧୁ ସିଦ୍ଧାର୍ଥ ପିଠାନୀଙ୍କ ମଧ୍ୟ ଅଡୁଆ ବଢ଼ିଛି। ପିଠାନୀ ଅଭିଯୁକ୍ତ ସାମୁଏଲ୍ ମିରାଣ୍ଡା, ସୌଭିକ, ଦୀପେଶ ସାୱନ୍ତ ରିଆ ଓ ସୁଶାନ୍ତଙ୍କ ସହ ଡ୍ରଗ୍ସ/ଗଞ୍ଜେଇ କିଣା କିଣି କରିବାରେ ସିଧାସଳଖ ଜଡିତ ଥିଲେ। ପିଠାନୀ ସୁଶାନ୍ତଙ୍କ କୋଟାକ୍ ଆପ୍ ବ୍ୟବହାର କରୁଥିଲେ। ବିଡି ଏବଂ ଗଞ୍ଜା ସମେତ ଅନ୍ୟାନ୍ୟ ଡ୍ରଗ୍ସ ସୁଶାନ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି କିଣା କରାଯାଇଥିଲା ଏବଂ ଏହାକୁ ବ୍ୟାଙ୍କ କାରବାରରେ ପୂଜା ସାମଗ୍ରୀ ଭାବରେ ଦର୍ଶାଇଥିଲା ବୋଲି ଅଭିଯୋଗ ହୋଇଛି। ଏହିପରି ଭାବରେ ସୁଶାନ୍ତଙ୍କୁ ନିଶା ସେବନ ଆଡକୁ ଠେଲି ଦିଆଯାଇଥିଲା। ଯାହାକୁ ଏନସିବି ଏକ ଅପରାଧ ବୋଲି ବିବେଚନା କରିଛି। ଦାଏର କରିଥିବା ଅଭିଯୋଗରେ ଏନ୍‌ସିବି କହିଛି, ୨୦୨୦ ମାର୍ଚ୍ଚରୁ ଡିସେମ୍ବର ମାସ ମଧ୍ୟରେ ଉପରୋକ୍ତ ଅଭିଯୁକ୍ତମାନେ ଡ୍ରଗ୍ ଯୋଗାଡ଼ କରି ଖରିଦ କରିବା, ବିକ୍ରି କରିବା, ପରିବହନ କରିବା ଏବଂ ସେ ସବୁକୁ ସମାଜର ଉଚ୍ଚବର୍ଗରେ ଏବଂ ବଲିଉଡ୍‌ରେ ବଣ୍ଟନ କରିବା ଭଳି ଅପରାଧିକ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ। ଏହାଛଡ଼ା, ସେମାନେ ଗଞ୍ଜେଇ, ଚରସ୍ 'ଏଲଏସ୍‌ଡି', କୋକେନ୍ ଏବଂ ଅନ୍ୟାନ୍ୟ ଡ୍ରଗ୍ ଖାଉଥିଲେ ମଧ୍ୟ। ୩୫ଜଣ ଅଭିଯୁକ୍ତଙ୍କ ନାମରେ ଏନ୍‌ସିବି ମୋଟ ୩୮ଟି ମାମଲା ରୁଜୁ କରିଛି। ନାକ୍ରୋଟିକ୍ସ ଡ୍ରଗ୍ସ ଆଣ୍ଡ୍ ସାଇକୋଥେରାପି ସବ୍‌ଷ୍ଟାନ୍‌ସ (ଏନ୍‌ଡିପିଏସ୍) ଆକ୍ଟ୍' ଅଧୀନସ୍ଥ ସ୍ୱତନ୍ତ୍ର ଅଦାଲତଙ୍କୁ ଏନ୍‌ସିବି ଉକ୍ତ ଅଭିଯୋଗ ପତ୍ରର 'ଡ୍ରାଫ୍‌ଟ୍' ହସ୍ତାନ୍ତର କରିଛି। ଉଲ୍ଲେଖଯୋଗ୍ୟ, ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କୁ ୨୦୨୦ ଜୁନ୍ ୧୪ ତାରିଖ ଦିନ ତାଙ୍କ ବାସଭବନରୁ ମୃତାବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କର ଏଭଳି ହଠାତ୍ ମୃତ୍ୟୁ ପୂରା ଫିଲ୍ମ ଇଣ୍ଡଷ୍ଟ୍ରି ଓ ତାଙ୍କର ଲକ୍ଷ ଲକ୍ଷ ଫ୍ୟାନ୍‌ମାନଙ୍କୁ ସ୍ତବ୍ଧ କରିଦେଇଥିଲା। ସୁଶାନ୍ତଙ୍କ ପରିବାର ଲୋକେ ତାଙ୍କ ମୃତ୍ୟୁ ପାଇଁ ଅଭିନେତ୍ରୀ ରିଆଙ୍କୁ ଦାୟୀ କରିଥିଲେ।



ମିଛ ଥିଲା ସାଉଥ ସୁପରଷ୍ଟାର ବିକ୍ରମ୍‌ଙ୍କ ହୃଦ୍‌ଘାତ

ସାଉଥ ସୁପରଷ୍ଟାର ଚିଆନ୍ ବିକ୍ରମ। ନିକଟରେ ତାଙ୍କୁ ହୃଦ୍‌ଘାତ ହୋଇଥିବା ନେଇ ଖବର ଆସିଥିଲା। ଏପରିକି ଅସୁସ୍ଥ ଥିବା ବେଳର ଫଟୋ ମଧ୍ୟ ସାମ୍ନାକୁ ଆସିଥିଲା। ତେବେ ଏସବୁ ଥିଲା ମିଛ। ଚିଆନ୍ ବିକ୍ରମ୍‌ଙ୍କୁ ହୃଦଘାତ ହୋଇଥିବା ଖବର କେବଳ ଗୁଜବ ଥିଲା। ଏକଥା ଆମେ କହୁନି ଖୋଦ୍ ଅଭିନେତା ବିକ୍ରିମ ସାମ୍ନାକୁ ଆସି ସତ କ'ଣ ତାହା କହିଛନ୍ତି।

ନିକଟରେ 'କୋବରା'ର ଅଡିଓ ଲଞ୍ଚ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ବିକ୍ରମ। ଅତୀତରେ ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖବର ଉପରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ ସେ। ବିକ୍ରମ ସେହି ସମସ୍ତ ଗୁଜବ ଉପରେ ପୂର୍ଣ୍ଣଛେଦ ପକାଇଥିଲେ ଯେଉଁଥିରେ କୁହାଯାଉଥିଲା ଯେ ସେ ହୃଦଘାତରେ ପ

ବିଏସଏନଏଲ ଓଡ଼ିଶା ସର୍କଲ ସିଜିଏମ୍ ଭାବେ ଦାୟିତ୍ୱ ନେଲେ ରୁଦ୍ର ନାରାୟଣ ପଲାଇ

ଭୁବନେଶ୍ୱର,୧୪/୦୭ (ନି.ପ୍ର): ବିଏସଏନଏଲ ଓଡ଼ିଶା ସର୍କଲର ମୁଖ୍ୟ ମହାପ୍ରବନ୍ଧକ (ସି.ଜି.ଏମ୍) ଭାବେ ଦାୟିତ୍ୱଭାର ଗ୍ରହଣ କରିଛନ୍ତି ରୁଦ୍ରନାରାୟଣ ପଲାଇ, ଆଇ.ଟି.ଏସ୍ । ଏହି ଅବସରରେ ସେ ଓଡିଶା ଦୂରସଂଚାର ପରିମଣ୍ଡଳରେ କାର୍ଯ୍ୟରତ ସମସ୍ତ ଉଦ୍ୟୋଗ ବ୍ୟବସାୟିକ କ୍ଷେତ୍ର ମୁଖ୍ୟ, ଅଧିକାରୀ, କର୍ମଚାରୀ ତଥା ବିଏସଏନଏଲର ଗ୍ରାହକମାନଙ୍କୁ ତାଙ୍କର ଆନ୍ତରିକ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ସରକାରୀ ରାଷ୍ଟ୍ରାୟତ ସଂସ୍ଥା ବିଏସଏନଏଲ, ବନ୍ୟା ବାତ୍ୟା, ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭଳି ପ୍ରତିକୂଳ ପରିସ୍ଥିତିରେ ଦେଶ ତଥା ରାଜ୍ୟର ସମସ୍ତ ଭାଗରେ ଟେଲି ଯୋଗାଯୋଗ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି । ଆଗାମୀ ଦିନରେ ମଧ୍ୟ ଏହାର ଗ୍ରାହକ ମାନଙ୍କୁ ଆକର୍ଷଣୀୟ ଟାରିଫ୍ ସହ ଅସୀମିତ କଲ୍, ଡାଟା, ଏବଂ ଆଧୁନିକତମ ଟେଲି ସେବା ପ୍ରଦାନ ଜାରି ରଖିବ ।

ଶ୍ରୀ ପଲାଇ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଭାରତ ସରକାରଙ୍କ ଉପକ୍ରମ ବିଏସଏନଏଲ ରାଜ୍ୟର ଦୁର୍ଗମ ଅଞ୍ଚଳର ଜନସାଧାରଣଙ୍କୁ ଲ୍ୟାଣ୍ଡଲାଇନ, ମୋବାଇଲ୍ ଏବଂ ଏଫଟିଟିଏଚ୍ ସେବା ଉପଲବ୍ଧ କରାଇବାକୁ ସର୍ବାଧିକ ଗୁରୁତ୍ୱ ଦେଇଆସୁଛି । ଓଡ଼ିଶା ରାଜ୍ୟ ସରକାରଙ୍କ ସହଯୋଗରେ ଖୁବ୍ ଶୀଘ୍ର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଉନ୍ନତ ମାନର ଟାୱାର ସ୍ଥାପନ ସହିତ ୪ଜି ସେବା ଉପଲବ୍ଧ କରାଇବାକୁ ରୁଦ୍ରନାରାୟଣ ପଲାଇ ଦୃଢୋକ୍ତି ପ୍ରକାଶ କରିବା ସହିତ ଜନସାଧାରଣଙ୍କ ମତାମତକୁ ଅଗ୍ରାଧିକାର ଦେବାକୁ ଆଶାବ୍ୟକ୍ତ କରିଛନ୍ତି ।

୮୦୦ ଟପିଲା ରାଜ୍ୟରେ ଦୈନିକ ସଂକ୍ରମଣ : ୭୧ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୧୪/୦୭ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୦୦ ଉପରେ ରହିଛି । ଗତକାଲି ୭୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮୦୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୭୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୩୩ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୭୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୬ଟି ଜିଲ୍ଲାରୁ ୮୦୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୪ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୦୭ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩ଜଣ, ବାଲେଶ୍ୱର ଜିଲ୍ଲାରୁ ୧୧ ଜଣ, ବରଗଡ଼ ଜିଲ୍ଲାରୁ ୧ ଜଣ, ଭଦ୍ରକରୁ ୯ ଜଣ, ବଲାଙ୍ଗୀରରୁ ୫ ଜଣ, ବୌଦ୍ଧରୁ ୨ ଜଣ, କଟକରୁ ୧୧୯ ଜଣ, ଗଜପତିରୁ ୫ ଜଣ, ଜଗତସିଂହପୁରରୁ ୧୮ ଜଣ, ଯାଜପୁରରୁ ୧୯ ଜଣ, ଝାରସୁଗୁଡ଼ାରୁ ୯ ଜଣ, କଳାହାଣ୍ଡି ଜିଲ୍ଲାରୁ ୮ ଜଣ, କନ୍ଧମାଳରୁ ୧ ଜଣ, କେନ୍ଦୁଝରରୁ ୫ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩୦୭, ମାଲକାନଗିରିରୁ ୧ ଜଣ, ମୟୂରଭଞ୍ଜରୁ ୨୮ ଜଣ, ନୟାଗଡ଼ ଜିଲ୍ଲାରୁ ୧୭ ଜଣ, ନୂଆପଡ଼ାରୁ ୯ ଜଣ, ପୁରୀରୁ ୨୮ ଜଣ, ରାୟଗଡ଼ାରୁ ୨ ଜଣ, ସମ୍ବଲପୁରରୁ ୩୦ ଜଣ, ସୋନପୁରରୁ ୯ ଜଣ,



ସୁନ୍ଦରଗଡ଼ରୁ ୮୦ ଜଣ ଓ ଷ୍ଟେଟପୁଲରୁ ୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୯୬, ୧୩୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨,୮୨, ୬୯୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୪୨୬୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

ଗୁରୁ ସର୍ବକାଳୀନ ଆଲୋକବର୍ତ୍ତିକା

ଭୁବନେଶ୍ୱର,୧୪/୦୭ (ନି.ପ୍ର): ପବିତ୍ର ଗୁରୁପୂର୍ଣ୍ଣିମା ମହାପୁରୁଷ ବ୍ୟାସଦେବଙ୍କ ଜୟନ୍ତୀ ଓ କର୍ମବୀର ଗୌରୀ ଶଙ୍କର ରାୟଙ୍କ ୧୮୪ତମ ଜୟନ୍ତୀ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସୂଚନା ସେବା ଅଧିକାରୀ ପଠାଣୀ ରାଉତ, ମୁଖ୍ୟବକ୍ତା ଭାବରେ ଯୋଗଦେଇ ବ୍ୟାସଦେବଙ୍କ ଜୀବନାଦର୍ଶ ଓ ତାଙ୍କଦ୍ୱାରା ବିରଚିତ ବେଦ, ପୁରାଣ ଯୁଗେଯୁଗେ ମାନବ ସମାଜକୁ ଆଧ୍ୟାତ୍ମିକ ଚେତନାରେ ଜାଗ୍ରତ କରିଆସୁଛି । ଆଧ୍ୟାତ୍ମିକତାର ପ୍ରଭାବରେ ସଂକୀର୍ଣ୍ଣ ଧର୍ମୀୟ ଚିନ୍ତାଧାରା ଦୂରୀଭୂତ ହୋଇଥାଏ । ପ୍ରତ୍ୟେକ ଧର୍ମର ମୂଳତତ୍ତ୍ୱ ହେଲା ସୁସ୍ଥ ସମାଜ ଗଠନ, ମାନସିକ ଶାନ୍ତି, ଆଧ୍ୟାତ୍ମିକ ଚେତନା, ଜୀବେଦୟା ଓ ସଂସାରର ମଙ୍ଗଳ କାମନା ଓ ବିଶ୍ୱଶାନ୍ତି ପ୍ରତିଷ୍ଠା । ସେହିଭଳି ଗୁରୁଙ୍କର ଶିକ୍ଷାଦାନ ଦ୍ୱାରା ଆମର ଜ୍ଞାନର ବିକାଶ ହେବା ସହ ତାଙ୍କର ଆଶୀର୍ବାଦରେ ଆମ ସାମଗ୍ରୀକ ଜୀବନରେ ଉନ୍ନତି ସାଧନ ହୋଇଥାଏ । ବିନା ଗୁରୁରେ କୌଣସି ସଫଳତା ହାସଲ ହୋଇପାରିନଥାଏ । ତେଣୁ ଗୁରୁ ଦେବତାଙ୍କଠାରୁ ମଧ୍ୟ କୌଣସି ଗୁଣରେ ନ୍ୟୁନ ନୁହଁନ୍ତି । କର୍ମବୀର ଗୌରୀ ଶଙ୍କର ବଙ୍ଗୀୟ ହୋଇ ମଧ୍ୟ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସମଗ୍ର ଜୀବନ ସମର୍ପଣ କରିଛନ୍ତି । ଉତ୍କଳଦୀପିକା ଖବର କାଗଜ ପ୍ରକାଶନଠାରୁ ଆରମ୍ଭ କରି ରାଜ୍ୟରେ ପ୍ରେସ୍ ପ୍ରତିଷ୍ଠା କରିବା ଦ୍ୱାରା ଓଡ଼ିଆ ପୁସ୍ତକ ବହୁ ପରିମାଣରେ ପ୍ରକାଶିତ ହେବା ଯୋଗୁଁ ଓଡ଼ିଆ ଭାଷା ବିକଶିତ ହୋଇପାରିଛି । ନାରୀ ଶିକ୍ଷାର ପ୍ରଚାର ଓ ପ୍ରସାର ସହିତ ସମାଜରେ କୁସଂସ୍କାର ଦୂରୀଭୂତ କରି ବିଧବା ବିବାହ ପ୍ରଚଳନ କରି ସେ ଜଣେ ସଂସ୍କାରକର ଭୂମିକା ନିର୍ବାହ କରିଥିଲେ । ଓଡ଼ିଶାର ସାମଗ୍ରିକ ବିକାଶରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତାଙ୍କର ଜୀବନୀ ପ୍ରତି ଓଡ଼ିଆ ଅଧ୍ୟୟନ କରିବା ଆବଶ୍ୟକ ।

'ଅନୁଭବେ ଜଗନ୍ନାଥ' ପ୍ରତିଯୋଗିତାରେ ୫୦ ହଜାର ଟଙ୍କାର ପୁରସ୍କାର

ଭୁବନେଶ୍ୱର,୧୪/୦୭ (ନି.ପ୍ର): ପବିତ୍ର ରଥଯାତ୍ରା ଅବସରରେ ଭାରତର ପ୍ରଥମ ସର୍ଟ ଅଡିଓ ଆପ୍ 'ଶୁନୋ ଶୁନାଓ' ଓ ରେଡିଓ ଚକଲେଟ୍‌ର ସହଯୋଗିତାରେ ଆରମ୍ଭ ହୋଇଛି 'ଅନୁଭବେ ଜଗନ୍ନାଥ' ପ୍ରତିଯୋଗିତା । ପ୍ରଭୁ ଜଗନ୍ନାଥଙ୍କୁ ନେଇ ଅନୁଭୂତି କଥା, କାହାଣୀ, ଘଟଣା କିମ୍ବା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭଜନଟିଏ ଗାଇ ଗୋଟିଏ ମିନିଟ୍‌ର ଅଡିଓ ରେକର୍ଡ କରି ଅପଲୋଡ୍ କରିବାକୁ ହେବ । ଅଡିଓର ବିଷୟବସ୍ତୁ ଏବଂ ଅଡିଓକୁ ମିଳିଥିବା ଲାଇକ୍ସ ଅନୁସାରେ ଚୟନ କରାଯିବ । ଏହି ପ୍ରତିଯୋଗିତାର ଶେଷ ତାରିଖ ଚଳିତ ମାସ ୧୫ ତାରିଖ ରହିଛି । 'ଶୁନୋ ଶୁନାଓ' ଆପ୍ ଏକ ଏପରି ଆପ୍ ଯେଉଁଥିରେ ଆପଣ ଅଡିଓ ମାଧ୍ୟମରେ ଆପଣଙ୍କର ଟ୍ୟାଲେଣ୍ଟ ଦେଖେଇ ପାରିବେ । ସଂଳାପ, ମିମିକ୍ରି, ଗୀତ, କବିତା, କାହାଣୀ କିଛିବି ହେଉ ଗୋଟିଏ ମିନିଟ୍ ଭିତରେ ନିଜ କଣ୍ଠରେ ରେକର୍ଡ କରି ଅପଲୋଡ୍ କରି ପାରିବେ । ଏହି 'ଶୁନୋ ଶୁନାଓ' ଆପ୍‌କୁ ଆପଣ ଗୁଗୁଲ୍ ପ୍ଲେଷ୍ଟୋର୍ ଏବଂ ଆଇଓଏସ୍‌ରୁ ଡାଉନ୍‌ଲୋଡ କରିପାରିବେ । ଆଉ ବିଳମ୍ବ ନକରି ଅନୁଭବେ ଜଗନ୍ନାଥ ପ୍ରତିଯୋଗିତାରେ ଭାଗ ନିଅନ୍ତୁ ଏବଂ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ଅର୍ଥ ପୁରସ୍କାର ଜିତନ୍ତୁ । ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ରେଡିଓ ଚକ୍‌ଲେଟ୍ ୧୦୪ ଏଫ୍‌ଏମ୍ ଶୁଣୁଥାନ୍ତୁ ।

୩ ଡିଗ୍ରି କଲେଜରେ ତାଲା, ୧୦ଟି କଲେଜର ନାମଲେଖାରେ କଟକଣା

ଭୁବନେଶ୍ୱର ,୧୪/୦୭ (ନି.ପ୍ର): ୨୦୨୨-୨୩ ଶିକ୍ଷାବର୍ଷରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଯୁକ୍ତୀ କଲେଜ ବିରୋଧରେ ଉଚ୍ଚଶିକ୍ଷା ବିଭାଗ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି । ଭିତ୍ତିଭୂମି ଓ ଅଧ୍ୟାପକ ଅଭାବ, ଶ୍ରେଣୀଗୃହ, ଲାଇବ୍ରେରି, ଲାବରେଟୋରି ନଥିବା ଦର୍ଶାଇ ଚଳିତ ଶିକ୍ଷାବର୍ଷ ପାଇଁ ୧୦ଟି କଲେଜରେ ନାମଲେଖା ଉପରେ କଟକଣା ଜାରି ହୋଇଛି । ଏଥିସହ ତିନୋଟି କଲେଜକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ସମସ୍ତ କଲେଜଗୁଡ଼ିକ ଅଣଅନୁଦାପ୍ରାପ୍ତ ହୋଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । କଟକଣା ଲଗାଯାଇଥିବା କଲେଜଗୁଡ଼ିକ ମଧ୍ୟରେ ସୋନପୁର ଜିଲ୍ଲାରୁ ସର୍ବାଧିକ ୩ଟି ରହିଛି । ଏହାବ୍ୟତୀତ ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାର ୨ଟି ଲେଖାଏ, ଗଞ୍ଜାମ, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ ଲେଖାଏ ଅଣଅନୁଦାନପ୍ରାପ୍ତ କଲେଜର ନାମଲେଖା ଉପରେ କଟକଣା ଜାରି ହୋଇଛି । ବନ୍ଦ ହୋଇଥିବା କଲେଜ ମଧ୍ୟରେ ଭଦ୍ରକ ଜିଲ୍ଲା ଆରଡିଠାରେ ଥିବା ଏନ୍‌ଆରଆଇ ଇଣ୍ଟରନ୍ୟାସନାଲ ଡିଗ୍ରି କଲେଜ ଅଫ୍ ସାଇନ୍ସ ଆଣ୍ଡ୍ କମର୍ସ, କଳାହାଣ୍ଡି ଜିଲ୍ଲା ଏମ୍ ରାମପୁରଠାରେ ଥିବା ଶ୍ରୀ ଏଜୁକେସନ ସ୍କଲାର୍ସ ଡିଗ୍ରି ସାଇନ୍ସ କଲେଜ ଓ ନୂଆପଡ଼ାସ୍ଥିତ ଫ୍ୟୁଚର ଟାଇମ୍ସ ଡିଗ୍ରି କଲେଜ । ଛାତ୍ରଛତ୍ରୀ ଯେପରି ଠକାମିର ଶିକାର ନ ହେବେ, ତାହାକୁ ନଜରରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଅବଗତିନିମନ୍ତେ ସାମ୍ସ ୱେବସାଇଟରେ କଲେଜଗୁଡ଼ିକର ନାମ ତାଲିକା ପ୍ରକାଶ କରିଛନ୍ତି । ପିଲାମାନେ ଆବେଦନ କରିବା ସମୟରେ କଲେଜ ନାମଗୁଡ଼ିକୁ ଭଲ ଭାବେ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି । ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ ପାଇବା କ୍ଷଣି ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

ଏନ୍‌ସିଏସ୍‌ସିଡିଏ ପକ୍ଷରୁ ସ୍ୱତନ୍ତ୍ର ନିଯୁକ୍ତି ମେଳା

ଭୁବନେଶ୍ୱର ,୧୪/୦୭ (ନି.ପ୍ର): ଉଭୟ ଦିବ୍ୟାଙ୍ଗ ଏବଂ ଅଣ-ଦିବ୍ୟାଙ୍ଗ ନିଯୁକ୍ତି-ଆଶାୟୀଙ୍କ ଲାଗି ଭୁବନେଶ୍ୱରସ୍ଥିତ ଏନ୍‌ସିଏସ୍‌ସିଡିଏ (ଦିବ୍ୟାଙ୍ଗ ଜନଙ୍କ ପାଇଁ ଜାତୀୟ କ୍ୟାରିଅର ସେବା କେନ୍ଦ୍ର) ପକ୍ଷରୁ ଏକ ସ୍ୱତନ୍ତ୍ର ନିଯୁକ୍ତି ମେଳା ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ବିଭିନ୍ନ ବର୍ଗର ୨୫୦ଟି ପଦବୀ ପାଇଁ ଏହି ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଭୁବନେଶ୍ୱର ପୋଖରୀପୁଟ ଗଣ୍ଡମୁଣ୍ଡାସ୍ଥିତ (ମଧୁସୂଦନ ପାର୍କ ସମ୍ମୁଖ) ଏନ୍‌ସିଏସ୍‌ସିଡିଏ ମୁଖ୍ୟ କାର୍ଯ୍ୟାଳୟରେ ସକାଳ ୯ଟାଠାରୁ ଦିନ ୨ଟା ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳାରେ ବିଭିନ୍ନ ପଦବୀ ପାଇଁ ଭିନ୍ନ ଭିନ୍ନ ଶିକ୍ଷାଗତ ଯୋଗ୍ୟତାଧାରୀ ପ୍ରାର୍ଥୀମାନେ ଭାଗ ନେଇପାରିବେ ।

ୱେବ୍ ଡେଭଲପମେଣ୍ଟ, ସେଲ୍ସ, ଟେଲି ସେଲ୍ସ, ସର୍ଭିସ୍ ଇଞ୍ଜିନିୟର, ଗ୍ରାହକ ସେବା, ଲଜିଷ୍ଟିକ୍ସ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯିବ । ମାଟ୍ରିକ ପାସ୍‌ଠାରୁ ଆରମ୍ଭ କରି ଯୁକ୍ତ ଦୁଇ, ସ୍ନାତକ, ଏମ୍‌ବିଏ, ଆଇଟିଆଇ ଏବଂ ଡିପ୍ଲୋମା ନିଯୁକ୍ତିଧାରୀମାନେ ଏସବୁ ପଦବୀ ପାଇଁ ଆବେଦନ କରିପାରିବେ । ଆବେଦନକାରୀଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ଦିବ୍ୟାଙ୍ଗ ବର୍ଗରେ ଚଳନ ଅକ୍ଷମତା (ଏଲ୍‌ଡି) ଏବଂ ବାକ୍ ଓ ଶ୍ରବଣଶକ୍ତି-ହୀନ ଦିବ୍ୟାଙ୍ଗମାନେ ଏଥିରେ ଭାଗ ନେଇପାରିବେ । ସମସ୍ତ ପ୍ରାର୍ଥୀ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାର କାର୍ଡ, ପାସ୍‌ପୋର୍ଟ, ଫଟୋ, ଦିବ୍ୟାଙ୍ଗ ପ୍ରମାଣପତ୍ର ଏବଂ ବାୟୋଡାଟା ସହିତ ଆବେଦନ କରିପାରିବେ । ନିଯୁକ୍ତି ମେଳା ସମ୍ପର୍କରେ ଅଧିକ ସୂଚନା ପାଇବାକୁ ଚାହୁଁଥିବା ପ୍ରାର୍ଥୀମାନେ ୦୬୭୪-୨୩୫୨୩୧୭ ନମ୍ବରରେ ଯୋଗାଯୋଗ କରିବା ଲାଗି ଏନ୍‌ସିଏସ୍‌ସିଡିଏ ପକ୍ଷରୁ ଅନୁରୋଧ କରାଯାଇଛି ।

ତିନି ମାସରେ ୪୫୪ ଏନଡିପିଏସ ମାମଲା , ୫୨୨ ଗିରଫ

ଭୁବନେଶ୍ୱର,୧୪/୦୭ (ନି.ପ୍ର): ଅବକାରୀ ଚଢଉ ଜୋରଦାର ହେବା ଫଳରେ ଏପ୍ରିଲ ରୁ ଜୁନ୍ ମାସ ମଧ୍ୟରେ ରାଜ୍ୟରେ ୪୫୪ ଏନଡିପିଏସ ମାମଲା ରୁଜୁ ହୋଇଥିବାବେଳେ ୫୨୨ ଜଣ ଗିରଫ ହୋଇଛନ୍ତି । ଯାହାକି ଗତବର୍ଷର ଏହି ସମୟ ତୁଳନାରେ ୨୫୦ ଗୁଣରୁ ଅଧିକ । ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହ ଆଜି କରିଥିବା ତ୍ରୈମାସିକ ସମୀକ୍ଷାରୁ ଏହା ଜଣାଯାଇଛି । ଅବକାରୀ କମିଶନର ଶ୍ରୀ ସିଂହ ଭର୍ଚୁଆଲ ମୋଡ ରେ କରିଥିବା ସମୀକ୍ଷା ବୈଠକରେ ଅବକାରୀ ବିଭାଗର ଡେପୁଟୀ କମିଶନର, ଅବକାରୀ ସୁପରିଟେଣ୍ଡେଂଟ, ଏନଫୋର୍ସ ମେଂଟ ସେଲ ର ଅଧିକାରୀମାନେ ସାମିଲ ହୋଇଥିଲେ । ସମୀକ୍ଷାରୁ ଜଣାଯାଇଛି ଗତ ତିନିମାସ ମଧ୍ୟରେ ଏନଡିପିଏସ ଗିରଫଦାରୀ ଓ ମାମଲା ରୁଜୁ ଜୋରଦାର ହୋଇଛି ।ଏହି ସମୟରେ ୪୮କୋଟି ଟଙ୍କାର ଏନଡିପିଏସ ସାମଗ୍ରୀ ଜବତ ହୋଇଛି ଯାହା ମଧ୍ୟରେ ୧୦ହଜାର କିଲୋ ଗଞ୍ଜେଇ, ସାଢେ ତିନି କିଲୋ ବ୍ରାଉନସୁଗାର ଏବଂ ୨୭୯ ଲିଟର କଫସିରପ ରହିଛି । ଗତ ବର୍ଷ ଏହି ସମୟରେ ପ୍ରାୟ ଦେଢ କିଲୋ ବ୍ରାଉନସୁଗାର ଓ ମାତ୍ର ୫୨ ଲିଟର କଫସିରପ ଜବତ ହୋଇଥିଲା । ଗତ ବର୍ଷ ଏହି ସମୟରେ ଅବକାରୀ ବିଭାଗର ଏନଫୋର୍ସମେଂଟ ଅଧିକାରୀମାନେ ୬୬୭୬ କିଲୋ ଗଞ୍ଜେଇ ଜବତ କରିଥିଲେ । ସେହିଭଳି ଅନ୍ୟାନ୍ୟ ନିଶା ସାମଗ୍ରୀ ଧରପଗଡ ଯୋଗୁଁ ଏହି ତିନି ମାସରେ ୧୩,୦୬୭ ମାମଲା ରୁଜୁ ହୋଇଥିବାବେଳେ ୧୦,୭୪୪ ଜଣ ଗିରଫ ହୋଇଛନ୍ତି । ମାମଲା ଓ ଗିରଫଦାରୀ ଗତବର୍ଷର ଏହି ସମୟ ତୁଳନାରେ ପ୍ରାୟ ୭୫ ପ୍ରତିଶତ ବୃଦ୍ଧି ପାଇଛି । ଜୋରଦାର ଚଢଉ ଯୋଗଁ ଗତ ତିନିମାସରେ ୩,୫୪,୮୯୩୨ ଲିଟର କାରଖାନା ତିଆରି ଦେଶୀ ମଦ, ୩୪,୧୬,୮୩୫ ଲିଟର ମଦ ତିଆରି ସାମଗ୍ରୀ, ୯୫୨୬ ବୋତଲ ବିୟର, ୫୪୬୯ କିଲୋ ଭାଙ୍ଗ, ୧୩,୯୭୪ କୁଇଂଟାଲ ମହୁଲ ଫୁଲ ସମେତ ୫୪୨ଟି ବିଭିନ୍ନ କିସମର ଗାଡିମୋଟର ଜବତ କରାଯାଇଛି । ଏନଫୋର୍ସମେଂଟର ସକ୍ରିୟତା ଯୋଗୁଁ ଗତ ବର୍ଷ ତୁଳନାରେ ଏହି ତିନି ମାସରେ ଭାଙ୍ଗ ଜବତ ପରିମାଣ ୫୩୩ ପ୍ରତିଶତ ବୃଦ୍ଧି ପାଇଥିବା ଜଣାଯାଇଛି ।

ସମୀକ୍ଷାରୁ ଜଣାପଡିଛି ଯେ ଅବକାରୀ କାରବାରରେ ଲିପ୍ତ ଅପରାଧିଙ୍କ ସମସ୍ତ ସୂଚନା ଠୁଳ କରିବାପାଇଁ ଜୋରଦାର କାର୍ଯ୍ୟ ଚାଲିଛି । ଓକାକ ସହାୟତାରେ ଏହା ଜାରି ରହିଛି । ଅତି କମ ରେ ଗତ ୧୦ ବର୍ଷର ଅବକାରୀ ଧରପଗଡ, ଗିରଫଦାରୀ ଓ ଏହି କାରବାରରେ ଲିପ୍ତ ସମସ୍ତ ଅପରାଧିଙ୍କ ସୂଚନା ରହିବ ଯାହାକି ଆଗାମୀ ଦିନରେ ଅବକାରୀ ବିଭାଗ ଓ ପୁଲିସ ମଧ୍ୟରେ ସମନ୍ୱୟ ରକ୍ଷାରେ ସହଯୋଗ କରିବ ।

ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ତରଫରୁ ପ୍ଲାଷ୍ଟିକ ବର୍ଜନ ଅଭିଯାନ

ଭୁବନେଶ୍ୱର,୧୪/୦୭ (ନି.ପ୍ର): ପ୍ଲାଷ୍ଟିକର ବ୍ୟବହାର ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ । ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜୀବନ ଶୈଳୀରେ ପ୍ଲାଷ୍ଟିକ୍ ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି । ସମ୍ପ୍ରତି ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି । କାରଣ ଏହାର ବର୍ଜ୍ୟବସ୍ତୁ ମାଟିରେ କ୍ଷୟ ହୋଇନଥାଏ । ଯାହାଦ୍ୱାରା ଦିନକୁ ଦିନ ପରିବେଶ ଉପରେ ଗୁରୁତର ବିପଦ ଘନେଇବାରେ ଲାଗିଛି । ଉଭୟ ଜଳ ଓ ସ୍ଥଳଚର ଜୀବ ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଅକାଳରେ ସେମାନଙ୍କର ମୃତ୍ୟୁ ଘଟୁଛି । ଯାହା ଜୀବଜଗତ ପାଇଁ ଏକ ଭୟଙ୍କର ବିପଦ ରୂପେ ଉଭା ହୋଇଛି । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ତରଫରୁ ଆରମ୍ଭ ହୋଇଛି ପ୍ଲାଷ୍ଟିକ ବର୍ଜନ ଅଭିଯାନ । ଫାଉଣ୍ଡେସନ ଗୌରୀଚରଣ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କୁ ନେଇ ଛତାବରଠାରେ ଏହି ପ୍ଲାଷ୍ଟିକ ବର୍ଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ଅଧକ୍ଷ ଡ. ବିପିନ ବିହାରୀ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ପ୍ଲାଷ୍ଟିକ ବର୍ଜନ ପାଇଁ ଉଦ୍‌ବୋଧନ ଦେଇଥିଲେ ।

ଶୋଷଣର ଶିକାର ହେଉଛନ୍ତି ମକା

ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ ୨ୟ ପର୍ଯ୍ୟାୟର ବାରିପଦା ବନଖଣ୍ଡ ସ୍ତରୀୟ ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ

ବାରିପଦା, ୧୪/୦୭ (ନି.ପ୍ର): ବାରିପଦା ବନଖଣ୍ଡ ଅଧିକାରୀ, ଶ୍ରୀ ସନ୍ତୋଷ ଯୋଶୀଙ୍କ ସଭାପତିତ୍ୱରେ ବୁଧବାର ଦିନ ବାରିପଦା ବନଖଣ୍ଡ ଅଧିକାରୀ ଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ ରେ ଥିବା ସଂକଳ୍ପ ସଭା ଗୃହରେ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ୨ୟ ପର୍ଯ୍ୟାୟ (ବନାୟନ)ର ବନଖଣ୍ଡ ସ୍ତରୀୟ ବାର୍ଷିକ ସମୀକ୍ଷା ବୈଠକ ୨୦୨୧-୨୨ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ଭାରତୀ ହାଁସଦା, ସଭାପତି, ଜିଲ୍ଲା ପରିଷଦ, ମୟୂରଭଞ୍ଜ ଯୋଗଦେଇ ସମୀକ୍ଷା ୨୦୨୧-୨୨ ର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରୀ ଟି. ଅଶୋକ କୁମାର, କ୍ଷେତ୍ର ନିର୍ଦ୍ଦେଶକ, ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବାରିପଦା ଯୋଗ ଦେଇଥିଲେ । ବାରିପଦା ବନଖଣ୍ଡ ଅଧିକାରୀ ଶ୍ରୀ ସନ୍ତୋଷ ଯୋଶୀ, ସମୀକ୍ଷା ୨୦୨୧-୨୨ ର ଲକ୍ଷ୍ୟ ସହିତ କିପରି ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲ ଉପରେ ନିର୍ଭର କରୁଥିବା ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟା ମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଶ୍ରୀମତୀ ହାଁସଦା ପକଳ୍ପ ଓ ବନବିଭାଗ ର କାର୍ଯ୍ୟ କୁ ପ୍ରଶଂସା କରିବା ସହିତ ଚଳିତ ବର୍ଷ ନିଆଁ ଦାଉରୁ ଜଙ୍ଗଲ କୁ ସୁରକ୍ଷା କରାଯାଇପାରିଛି ଯାହା ଏକ କଠିନ କାର୍ଯ୍ୟ । ଏତଦ ବ୍ୟତୀତ ମୟୂରଭଞ୍ଜ ରେ ହାତୀ ର ସମସ୍ୟା ବଢିବା ସହିତ ମନୁଷ୍ୟ ଏବଂ ହାତୀ ର ସଙ୍ଘର୍ଷ ଦିନକୁଦିନ ବଢୁଛି । ଏଥିପାଇଁ ଆମକୁ ସଚେତନ ହେବା ସହିତ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ସହାୟତା କରିବା ଆବଶ୍ୟକ । ଜାତୀୟ ରାଜପଥର ପ୍ରଶସ୍ତିକରଣ ହେବା ଯୋଗୁଁ ଅନେକ ଗଛ କଟା ଯାଇଅଛି ଏବଂ ପୁନର୍ବାର ରାସ୍ତାର ଦୁଇ ପାର୍ଶ୍ୱରେ ଗଛ ଲଗେଇବାର ଆବଶ୍ୟକତା ଅଛି । ଉକ୍ତ ପ୍ରକଳ୍ପ ଜରିଆରେ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ହେବା ସହ ବନ ସୁରକ୍ଷା ସମିତି ସ୍ତରରେ ଲୋକମାନଙ୍କ ଜୀବନ ଜୀବିକାରେ ଉନ୍ନତି ହୋଇ ପାରିଛି, ବିଭିନ୍ନ ବିଭାଗ ଦ୍ୱାରା ଜନାଭୀମୂଖ୍ ଯୋଜନା ଗାଁର ଲୋକମାନଙ୍କ ପାଖରେ ପହଞ୍ଚି ପାରିଛି, ଏ ବିଷୟରେ ମାନନୀୟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବାରିପଦା ଶ୍ରୀ ଟି. ଅଶୋକ କୁମାର ସନ୍ତୋଷ ପ୍ରକାଶ କରିଥିଲେ । ଏଥିସହ କିପରି ପ୍ରକଳ୍ପ ଦ୍ୱାରା ଜଙ୍ଗଲ ଉପରେ ନିର୍ଭର ଶିଳ ଲୋକମାନଙ୍କର ଜୀବନ ଜୀବିକାରେ ଉନ୍ନତି ହୋଇ ପାରିଛି ଏବଂ ଆହୁରି ଆଗକୁ ହୋଇ ପାରିବ ସେ ବିଷୟରେ ଆଲୋଚନା କରି ଜଙ୍ଗଲରୁ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟକୁ ସଂଗ୍ରହ କରି ତାହାର ପ୍ରକ୍ରୀୟାକରଣ ମାଧ୍ୟମରେ ମୂଲ୍ୟଯୁକ୍ତ କରାଇ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ବନ ସୁରକ୍ଷା ସମିତିର ଲୋକମାନଙ୍କର ରୋଜଗାର ବଢାଯାଇ ପାରିବ।ସେ ମଧ୍ୟ କହିଥିଲେ ଅନ୍ୟ ରାଜ୍ୟ ତୁଳନାରେ ଆମ ଓଡିଶାର ଜଙ୍ଗଲର ସ୍ଥିତି ବହୁତ ଭଲ ଅଛି । ବାରିପଦା ବନଖଣ୍ଡର ସହକାରୀ ବନ ସଂରକ୍ଷକ, ଶ୍ରୀ ଅରୁଣ କୁମାର ବିଶ୍ୱାଳ, ୨୦୨୧-୨୨ ବର୍ଷରେ ବନ ସୁରକ୍ଷା ସମିତି ମାନଙ୍କରେ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡିକ ଯଥା- ବନ ସୁରକ୍ଷା ସମିତିର ସୁଦୃଢିକରଣ, ଜଙ୍ଗଲ ସୀମା ସର୍ବେକ୍ଷଣ, ଅଣୁ ଯୋଜନା ପ୍ରସ୍ତୁତି, ମୃତିକା ଜଳ ସଂରକ୍ଷଣ, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଓ ଏକାଭିମୂଖୀ ଯୋଜନା ଓ ପ୍ରକଳ୍ପ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭର ପରିବାର ଗୁଡିକର ଜୀବନ ଜୀବିକାରେ ଉନ୍ନତି ବିଷୟଗୁଡିକ ପି.ପି.ଟି ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହା ସହିତ ଆଗାମୀ ଦିନରେ କିପରି ସୁଚାରୁ ରୂପେ ବିଭିନ୍ନ କାମ ଗୁଡିକ କରାଯାଇ ପାରିବ ତାହା ବନ ସୁରକ୍ଷା ସମିତିର ସଦସ୍ୟ ମାନଙ୍କର ସହଯୋଗ କାମନା କରିଥିଲେ। ମୁଖ୍ୟ ଅତିଥି ଓ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ବାର୍ଷିକ କାର୍ଯ୍ୟ ରିପୋର୍ଟ ଉନ୍ମୋଚନ ହୋଇଥିଲା। ଏହା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରଦର୍ଶନୀ କରାଯାଇଥିଲା। ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ତାଙ୍କ ବିଭାଗ ଦ୍ୱାରା ଏକାଭିମୁଖି କାର୍ଯ୍ୟକ୍ରମ ମାଧ୍ୟମରେ ବନ ସୁରକ୍ଷା ସମିତିର ଲୋକମାନଙ୍କର ଜୀବନ ଜୀବିକା କିପରି ସୁଦୃଢ ହୋଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଉତ୍ତର ଓଡିଶାରେ....

ଜାରି କରିଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ବୌଦ୍ଧ, ଅନୁଗୁଳ, ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନାଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୫ରୁ ୧୬ ତାରିଖ ମଧ୍ୟରେ ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୁରଭଂଜ, ଯାଜପୁର , ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷ । ପାଇଁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଅନୁଗୁଳ , ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡା, ବରଗଡ, ସୋନପୁର ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

କଲେଜରେ ଦିଆଯିବ....

ନିର୍ଦ୍ଦେଶ ଦେଇଥିଲେ । ଟିକାକରଣ କେନ୍ଦ୍ରର ଅବସ୍ଥିତି ଓ ସମୟ, କଲ ସେଂଟର ଓ ସହାୟତା କେନ୍ଦ୍ରର ନମ୍ବର ଏବଂ କୋଭିଡ୍ ଚିକିତ୍ସା ସୁବିଧା ବିଷୟରେ ଲୋକମାନଙ୍କୁ ସଠିକ୍ ସୂଚନାପ୍ରଦାନ ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ବର୍ତମାନ ପର୍ଯ୍ୟନ୍ତ ରାଜ୍ୟରେ କୋଭିଡ୍ ସ୍ଥିତି ପୂର୍ଣ୍ଣ ନିୟନ୍ତ୍ରଣାଧିନ ଅଛି । ତେବେ ସହରାଞ୍ଚଳମାନଙ୍କରେ ସଂକ୍ରମଣ ସଂଖ୍ୟା ବଢୁଥିବାରୁ ଟିକାକରଣ, ଜାଗରୁକତା, ସଚେତନତା ଏବଂ ସଠିକ୍ ସୂଚନା ପ୍ରସାରଣ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଆରୋପ କରିଛନ୍ତି । ବର୍ତ୍ତମାନ ରାଜ୍ୟରେ ସମୁଦାୟ ୪୨୬୨ ଆକ୍ଟିଭ୍ କୋଭିଡ୍ କେସ୍ ଅଛି । ସଂକ୍ରମିତମାନେ ମୁଖ୍ୟତଃ ହୋମ୍ ଆଇସୋଲେସନ୍‌ରେ ଅଛନ୍ତି । ବର୍ତମାନ ସୁଦ୍ଧା ୩୯ ଜଣ ଚିକିତ୍ସା ପାଇଁ ହସ୍ପିଟାଲରେ ଅଛନ୍ତି। ଜୁଲାଇ ୧୫ ତାରିଖରୁ ୧୮ ରୁ ୫୯ ବର୍ଷ ବୟସ୍କ ନିମନ୍ତେ ମାଗଣା ବୁଷ୍ଟର ଡ଼ୋଜ୍ ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି କରାଯାଉଛି ।

ଦ୍ରୌପଦୀ ମୁର୍ମୁଙ୍କୁ ତେଜୁଛି ମହାରାଷ୍ଟ୍ର ....

ଇଡି ଭଳି ସରକାରୀ ତଦନ୍ତକାରୀ ଏଜେନ୍ସିକୁ ବିନିଯୋଗ କରି ନିର୍ବାଚିତ ସରକାରକୁ ବିଜେପି ଭାଙ୍ଗିଥିବା କହିଛନ୍ତି ସିହ୍ନା । ଏପଟେ ବୈଠକକୁ ଡକାନଯିବା ନେଇ ସଞ୍ଜୟ ରାଉତ କହିଛନ୍ତି, ସେ ଏନଡିଏର ପ୍ରାର୍ଥୀ । କେବଳ ଆଦିବାସୀ ବୋଲି ଶିବସେନା ସମର୍ଥନ ଦେଇଥିଲା । ହେଲେ ମୁର୍ମୁଙ୍କ ଗସ୍ତ ପୂର୍ବରୁ ମଙ୍ଗଳବାର ଦ୍ରୌପଦୀ ଉଦ୍ଧବ ଠାକରେଙ୍କ ଘର ମତୋଶ୍ରୀ ଆସିବେ ବୋଲି ଶିବସେନାର ଜଣେ ନେତା କହିଥିଲେ । ଶିବସେନାର ୧୯ରୁ ସାଂସଦରୁ ୧୨ ଜଣ ଦ୍ରୌପଦୀଙ୍କୁ ସମର୍ଥନ କରିବାକୁ ଉଦ୍ଧବଙ୍କୁ ନିବେଦନ କରିବା ପରେ ସେ ସମର୍ଥନ ଘୋଷଣା କରିଥିଲେ ବୋଲି ସେନା ପକ୍ଷରୁ କୁହାଯାଉଛି । ବାସ୍ତବରେ ସେ ସାଂସଦମାନଙ୍କ ଚାପରେ ପଡି ଏଭଳି ନିଷ୍ପତି ନେଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

ଗୋଟିଏ ଦିନରେ ୮୦୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୪/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୦୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୬୧୩୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୭୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୨୬୯୦ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୨୬୨ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୭୧ ଜଣ ସଂଗରୋଧରୁ ଓ ୩୩୩ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୩ , ବାଲେଶ୍ୱର ଜିଲ୍ଲାରେ ୧୧, ବରଗଡ ଜିଲ୍ଲାରେ ୧, ଭଦ୍ରକ ଜିଲ୍ଲାରେ ୯, ବଲାଙ୍ଗୀର ଜିଲ୍ଲାରେ ୫, ବୌଦ୍ଧ ଜିଲ୍ଲାରେ ୨, କଟକ ଜିଲ୍ଲାରେ ୧୧୯. ଦେବଗଡ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୫, ଜଗତସିଂହପୁର ଜିଲ୍ଲାରେ ୧୮,ଯାଜପୁର ଜିଲ୍ଲାରେ ୧୯, ଝାରସୁଗୁଡା ଜିଲ୍ଲାରେ ୬ . କଳାହାଣ୍ଡି ଜିଲ୍ଲାରେ ୮, କନ୍ଧମାଳ ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୫, ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ପୂର୍ଣ୍ଣାଙ୍ଗ ହେଉନି ପାନୀୟ ଜଳ ପ୍ରକଳ୍ପ : ପାଇପ ଖୋଳା ଗାତରେ ପଡି ଜୀବଜନ୍ତୁ ଆହତ

ଖଇରା, ୧୪/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଶହୀଦ ନଗର ଗ୍ରାମବାସୀଙ୍କୁ ପାଣି ଯୋଗାଇବାକୁ ନିର୍ମାଣାଧୀନ ସୋଲାର ପମ୍ପ ହାଉସ ଏବେ ସଂପୃକ୍ତ ଗ୍ରାମବାସୀଙ୍କୁ ଜଟିଳ ସମସ୍ୟାରେ ପକାଇଛି । ପାଇପ ବିଛାଯିବା କାର୍ଯ୍ୟପାଇଁ ଖୋଳାଯାଇଥିବା ଗାତରେ ପଡି ଦୈନନ୍ଦିନ ଗୃହପାଳିତ ପଶୁ ସମେତ ଅନ୍ୟାନ୍ୟ ଜିବଜନ୍ତୁ ମଧ୍ୟ ଆହତ ହେଉଛନ୍ତି । ଏଭଳିକି ମାଟି କାଦୁଅ ଯୋଗୁଁ ଗ୍ରାମବାସୀ ଯାତାୟାତ ପାଇଁ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବନିତା ପ୍ରଧାନଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି । ସ୍ଥାନୀୟ ତୁରନ୍ତ ଗାତ ପୋତାଯାଇ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରାନଗଲେ ଗ୍ରାମବାସୀ ମାନେ ଧାରଣାରେ ବସିବାକୁ ଆରତି ବେହେରା, ମୁକୁନ୍ଦ ବେହେରା, ଭାଗବତ ବେହେରା, ରମାକାନ୍ତ ବେହେରା, ହଡିବନ୍ଧୁ ମୁର୍ମୁ ଓ ୱାର୍ଡସଭ୍ୟା ଦମୟନ୍ତୀ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି । ସେମାନଙ୍କର ଅଭିଯୋଗ ଅନୁଯାୟୀ ଗ୍ରାମରେ ଗ୍ରାମ୍ୟ ଜଳ ଏବଂ ପରିମଳ ବିଭାଗ ତରଫରୁ ଏକ ସୋଲାର ପମ୍ପ ବସାଇବା ଉଦ୍ଦେଶ୍ୟରେ ପାଇପବିଛାଇବାକୁ ଅନ୍ୟୁନ ୧ମାସ ତଳେ ଗାତ ଖୋଳି ଛାଡି ଦିଆଦାଇଥିଲା । ତେବେ ବର୍ଷା ହେବା ପରେ ଏହି ଗାତରେ ପାଣି ଭର୍ତ୍ତୀ ହେବା ସହ ଗ୍ରାମବାସୀଙ୍କ ପାଇଁ ବିଷମ ପରିସ୍ଥିତି ସୃଷ୍ଟି କରୁଛି ।ଯାତାୟତ ରାସ୍ତାରେ ମାଟି କାଦୁଅ ଜମିବା ଯୋଗୁଁ ସାଧାରଣ ଲୋକଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଛି । ଗୋରୁଗାଇ ଏବଂ ଛେଳି ଏହି ଗାତରେ ପଡି ଖଣ୍ଡିଆ ଖାବରା ହେଉଛନ୍ତି । ଗ୍ରାମବାସୀ ମାନେ ପୂର୍ବରୁ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ଠିକାଦାର ସମ୍ୟକ କର୍ଣ୍ଣପାତ କରୁ ନାହାନ୍ତି । ଏ ସମ୍ପର୍କରେ ଯନ୍ତ୍ରୀ ବିକ୍ରମାଦିତ୍ୟ ପ୍ରଧାନଙ୍କୁ ପଚାରିବାରେ ସେ ଏ ବିଷୟରେ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

ଜଳେଶ୍ୱର ସରକାରୀ ହାଇସ୍କୁଲର ୭୫ଜଣ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱରଲ, ୧୪/୭(ନି.ପ୍ର) : ଚଳିତବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ରାଜ୍ୟରେ ଗୌରବ ଅର୍ଜନ କରିଛନ୍ତି । ଏହି ବିଦ୍ୟାଳୟର ସ୍ୱରୂପା ଜେନା ୫୯୪ ଓ ଏଲିନା ଗିରି ୫୯୩ ରଖି ଯାଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅର୍ଜନ କରିଛନ୍ତି । ଏହି ୨ ଛାତ୍ରୀ ବାଲେଶ୍ୱର ଜିଲାରେ ସର୍ବୋଚ୍ଚ ନମ୍ବର ରଖି ବିଦ୍ୟାଳୟକୁ ଗୌରବ ଆଣିଛନ୍ତି । କେବଳ ସେତିକି ନୁହେଁ, ଏହି ବିଦ୍ୟାଳୟର ୭୫ଜଣ ଛାତ୍ରଛାତ୍ରୀ ଏ-୧ରେ ପାସ୍ କରି ୨ୟ ଗୌରବ ଆଣିଛନ୍ତି । ବିଦ୍ୟାଳୟ ଇତିହାସରେ ୭୨ବର୍ଷ ବିତି ଯାଇଥିଲେ ମଧ୍ୟ ପୂର୍ବରୁ ଏପରି ଗୌରବ ମିଳି ନ ଥିଲା । ଆଜି ବିଦ୍ୟାଳୟ ପକ୍ଷରୁ ଏହି ୭୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ସଭାରେ ପୂର୍ବତନ ଛାତ୍ର ତଥା ଅବସର ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରି ଜଳେଶ୍ୱର ବିଦ୍ୟାଳୟକୁ ସୁନାମ ଆଣିଥିବା ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେ, ଡ. ଈଶ୍ୱର ଚନ୍ଦ୍ର ଜେନା ଯୋଗ ଦେଇ ନିଷ୍ଠା, କର୍ତ୍ତବ୍ୟ ଓ ମାନସିକତା ସହିତ ଦୃଢତା ରହିଲେ ଜୀବନର ସଫଳତା ମିଳିଥାଏ ବୋଲି କହିଥିଲେ । ପ୍ରଧାନ ଶିକ୍ଷକ କୁଂଜବିହାରୀ ପ୍ରଧାନ ସୂଚନା ଓ ବିଦ୍ୟାଳୟର ଇତିବୃତ୍ତି ସଂପର୍କରେ କହିଥିବା ବେଳେ ସମ୍ମାନୀତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସୁବଳ ଚନ୍ଦ୍ର ପରିଡା ଯୋଗ ଦେଇଥିଲେ ।

ବୈଦିକ ଗୁରୁକୁଳରେ ଗୁରୁପୂର୍ଣ୍ଣିମା ପାଳିତ

ବସ୍ତା, ୧୪/୦୭ (ନି.ପ୍ର): ରୂପସା ପିଞ୍ଚା ବଣିଆ ସ୍ଥିତ ଆର୍ଯ୍ୟ ସେବା ସଂଘ ଓ ଗୁରୁକୁଳ ଆଶ୍ରମ ପକ୍ଷରୁ ବୁଧବାର ଗୁରୁପୂର୍ଣ୍ଣିମା ଉତ୍ସବ ବୈଦିକ ଗୁରୁକୁଳ ଆଶ୍ରମ ପରିସରରେ ପାଳିତ ହୋଇଯାଇଅଛି। ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ, ଙ୍କସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବରେ ମୂଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଗୁରୁ ହିଁ ଏକମାତ୍ର ମାଧ୍ୟମ ବୋଲି ମତପୋଷଣ କରି ବା ସହିତ ଆଲୋକର ଅଭାବରେ ପୃଥିବୀ, ଯେମିତି ଅନ୍ଧକାର ମୟ ହୋଇଯାଏ ଠିକ ସେହିପରି ଗୁରୁଙ୍କ ବିନା ମାନବ ଜୀବନ ର ମାନେନାହିଁ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ବକ୍ତା ବିଶିଷ୍ଟ ଲେଖକ ଓ କବିଶ୍ରୀ କାଳିକିଙ୍କର ଦାସ ଉଦ୍‌ବୋଧନ ଦେଇଥିଲେ ଏବଂ ଜୀବର ଏକମାତ୍ର ଲକ୍ଷ୍ୟ ମୁକ୍ତି ତେଣୁ ପରମ ଗୁରୁଙ୍କ ଶରଣରେ ସମସ୍ତେ ଆସିବା ନିତ୍ୟାନ୍ତ ଆବଶ୍ୟକ। ମୁଖ୍ୟ ବକ୍ତା ବିଶିଷ୍ଟ ପଣ୍ଡିତ ଶ୍ରୀଯୁକ୍ତ ନିରଞ୍ଜନ ପଣ୍ଡା ଶର୍ମା, ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଓ ପଣ୍ଡିତ ସୁରେନ୍ଦ୍ର ସିଂହ ଆଦି ଜ୍ଞାନି ଗଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନରେ ଗୁରୁଙ୍କର ଅବଦାନ ଅତୁଳନୀୟ ଅଟେ। ପୂର୍ବରୁ ଗୁରୁ କୁଳ ଆଶ୍ରମରେ ରହି ଯୋଗୀ ମୁନିଙ୍କଠାରୁ ଶିକ୍ଷା ଗ୍ରହଣ କରି ମହାପୁରୁଷ ମାନେ ମାନବ ସମାଜକୁ ଦିଗ୍ ଦର୍ଶନ ଦେଖାଇ ଆସିଛନ୍ତି ଏହି ମନ୍ଦିର ମଣିଷ ତିଆରି କାରଖାନା ବୋଲି ଅତିଥିମାନେ ମତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଶ୍ରମର ବ୍ରହ୍ମଚାରୀ ଙ୍କ ଦ୍ୱାରା ଗୁରୁପୂଜନ, ବିଶ୍ୱ କଲ୍ୟାଣ ଦେବଯଜ୍ଞ ଓ ଅତିଥି ଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। ପରିଶେଷରେ ଆର୍ଯ୍ୟ ସେବା ସଂଘ ର ସଭାପତି ଶ୍ରୀ ଗଣେଶ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିକାର୍ଯ୍ୟକ୍ରମ ସାଙ୍ଗକରିଥିଲେ ।

ଚମାରଗାଁ ପଂଚାୟତର ଅସ୍ତଡିହା ଗାଁକୁ ନାହିଁ ସବୁଦିନିଆ ରାସ୍ତା

ଜଳେଶ୍ୱର, ୧୪/୭(ନି.ପ୍ର) : ଜଳେଶ୍ୱର ବ୍ଲକର ସୁବର୍ଣ୍ଣରେଖା ନଦୀର ପଶ୍ଚିମପଟେ ଥିବା ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଅଂଚଳର ୧୪ଟି ପଂଚାୟତର ଦୂରାବସ୍ଥା ଏବେବି ସୁଧୁରୀ

ବାଲେଶ୍ୱର, ଶୁକ୍ରବାର, ୧୫ ଜୁଲାଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଗଙ୍ଗାଧର ମହାପାତ୍ର ଥିଲେ ଅଜାତ ଶତ୍ରୁ : ୧୦୯ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୪/୦୭ (ନି.ପ୍ର): ଓଡ଼ିଶାର ବରିଷ୍ଠ ଜନନେତା, ପୂର୍ବତନ ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ଆଇନଜ୍ଞ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ୧୦୯ତମ ଜୟନ୍ତୀ, ଗଙ୍ଗାଧର ମହାପାତ୍ର 'ାଉଣ୍ଡେସନ ପକ୍ଷରୁ ଅ୍ଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ବୁଧବାର ଭୁବନେଶ୍ୱର ଭାରତୀୟ ବିଦ୍ୟାଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହାପାତ୍ରଙ୍କ 'ଟୋଚିତ୍ରରେ ମାଲ୍ୟାର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ସ୍ୱର୍ଗତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ପ୍ରକୃତରେ ଗଙ୍ଗାଧର ମହାପାତ୍ର ଥିଲେ ଅଜାତ ଶତ୍ରୁ। ରାଜନୈତିକ ଦଳମତ ନର୍ବିଶେଷରେ ସେ ଥିଲେ ସମସ୍ତଙ୍କର ପ୍ରିୟ। 'ଗଙ୍ଗୁ ଭାଇନା' ଓଡ଼ିଶା ରାଜନୀତିରେ ଦୀର୍ଘ ୫୦ ବର୍ଷ ଧରି ସେ ମୂଲ୍ୟବୋଧଭିତିକ ରାଜନୀତିର ଥିଲେ ଉଦାହରଣ। ଆଜି ଯେଉଁ ଯୁବକମାନେ କହୁଛନ୍ତି ପଇସା ନହେଲେ ରାଜନୀତି ହୋଇପାରିବ ନାହିଁ, ସେମାନେ ଗଙ୍ଗାଧର ବାବୁଙ୍କ ଜୀବନୀକୁ ଅନୁଶୀଳନ କରିବା ଉଚିତ୍। ସମ୍ମାନିତ ଅତିଥି ଭାବେ ପୂର୍ବତନ ସିବିଆଇ ବିଚାରପତି ମାନନୀୟ ସଞ୍ଜୟ କୁମାର ପଣ୍ଡା ସ୍ୱର୍ଗତ ମହାପାତ୍ରଙ୍କୁ ଜଣେ ଦକ୍ଷ ପାର୍ଲାମେ ରିଆନ ଭାବେ ବର୍ଣ୍ଣନା କରିଥିଲେ। କୋର୍ଟ ରୁମ୍‌ରେ ତାଙ୍କର ଅକାଟ୍ୟ ଯୁକ୍ତି ପାଖରେ ଅପରପକ୍ଷ ଓକିଲମାନେ ସ୍ତବ୍ଧ ହୋଇଥାନ୍ତି। ମୁଖ୍ୟବକ୍ତା ବିଶିଷ୍ଟ ବାଗ୍ମି ତଥା ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ଗଙ୍ଗାଧର ମହାପାତ୍ରଙ୍କ ପରିବାର ସହିତ ମୋର ୫୦ ବର୍ଷର ସମ୍ପର୍କ। ମଣିଷକୁ କିପରି ଭଲ ପାଇବାକୁ ହେବ ତାହା ଗଙ୍ଗାଧର ମହାପାତ୍ରଙ୍କ ଠାରୁ ଶିକ୍ଷା କରିବାର କଥା। ଜୀବନକାଳ ମ୍ନରେ କେବେ କାହାରି ମନରେ କଷ୍ଟ ଦେଇ ନାହାଁନ୍ତି। ଅହଙ୍କାରଶୂନ୍ୟ ମଣିଷ ଥିଲେ ସ୍ୱର୍ଗତ ମହାପାତ୍ର। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପୂର୍ବତନ କୁଳପତି ତଥା ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର ଓ ପୂର୍ବତନ ଡିନ୍ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ସ୍ୱର୍ଗତ ମହାପାତ୍ରଙ୍କ ଛାତ୍ର ଜୀବନରୁ ସ୍ୱାଧୀନତା ସଂଗ୍ରାମରେ ଓ ଆଜାଦହିନ୍ଦ ଫୌଜରେ ଯୋଗଦାନ ଏବଂ ନେତାଜୀ ସୁଭାଷ ବୋଷଙ୍କ ସହ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ।

କୋଷ୍ଟ କେନାଲ ପୁନରୁଦ୍ଧାର ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ବାଲେଶ୍ୱର,୧୪/୦୭ (ନି.ପ୍ର): ବ୍ରିଟିଶ ଶାସନକାଳରେ ଖାଦ୍ୟ ପାଇଁ କାମ ଯୋଜନାରେ ପଶ୍ଚିମବଙ୍ଗରୁ ଗେଓଖାଲିରୁ ଭଦ୍ରକର ଚାରବାଟିଆ ପର୍ଯ୍ୟନ୍ତ ଖନନ ହୋଇଥିବା ଐତିହାସିକ କୋଷ୍ଟକେନାଲର ପୁନରୁଦ୍ଧାର ଓ ସୁରକ୍ଷାକୁ ନେଇ ବିଭିନ୍ନ ମହଲରୁ ଉଦ୍ୟମ ଆରମ୍ଭ ହୋଇଛି। ଜଳସେଚନର ଏକାନ୍ତ ଆବଶ୍ୟକତା, ଭୂତଳ ଜଳସ୍ତର ନିମ୍ନଗାମୀ ହେବାର ଉତ୍କଟତା, ପରିବହନ କ୍ଷେତ୍ରରେ ଏହାର ବିନିଯୋଗ ଆଭିମୁଖ୍ୟ ନେଇ ବାଲେଶ୍ୱର ଓ ଭଦ୍ରକ ଜିଲାରେ ଗଠିତ ହୋଇଥିବା 'କୋଷ୍ଟକେନାଲ ପୁନରୁଦ୍ଧାର ମଞ୍ଚ' ଏବେ ସକ୍ରିୟ ହୋଇଛି। କୋଷ୍ଟକେନାଲର ପୁନରୁଦ୍ଧାର ପାଇଁ ମଞ୍ଚ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରେ ଦୃଢ଼ ଦାବି ଉପସ୍ଥାପନ କରାଯାଉଛି। ସାଧାରଣରେ ସଚେତନତା ସୃଷ୍ଟି ପାଇଁ ଗତବର୍ଷ ନଭେମ୍ବର ମାସରେ ବାଇକ ର୍ୟାଲି, ସଭା ସମିତି, ମାନବଶୃଙ୍ଖଳ ଇତ୍ୟାଦି ବାଲେଶ୍ୱର ଓ ଭଦ୍ରକରେ ଆୟୋଜିତ ହୋଇଥିଲା। ଗତ ୧୧ ତାରିଖରେ ବାଲେଶ୍ୱର ଗସ୍ତ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପୁନରୁଦ୍ଧାର ମଂଚ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ମଞ୍ଚର କର୍ମକର୍ତ୍ତା ଶୁଭଙ୍କର ମହାପାତ୍ର, ଲମ୍ବୋଦର ନାୟକ, ପ୍ରଭାକର ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ବନମାଳି ନାୟକ, ନିରଞ୍ଜନ ପରିଡ଼ା, ନିରଞ୍ଜନ ରାଉତ, ଡ. କେଶବ ଚରଣ ପଣ୍ଡା, ଗୋବିନ୍ଦ ଦଳେଇ, ଡ. କ୍ଷିତୀଶ୍ୱର ଦାଶ, କମଳାକାନ୍ତ ଦାଶ ଓ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ କେନ୍ଦ୍ର ବନ୍ଦର, ପରିବହନ, ଜଳପଥ ଓ ଜାହାଜ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଭଦ୍ରକ ଗସ୍ତ ଅବସରରେ କୋଷ୍ଟକେନାଲ ଉନ୍ନୟନ ମଞ୍ଚ ପକ୍ଷରୁ ଆବାହକ ଦୁଃଶାସନ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏ ସମ୍ପର୍କରେ ତାଙ୍କୁ ଜଣାଇଛନ୍ତି। ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ମଧ୍ୟ ସାଂସଦରେ ଏହି ପ୍ରସଙ୍ଗ ଉତ୍ଥାପନ କରିସାରିଛନ୍ତି। ସେହିଭଳି ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ଜାହାଜ, ଜଳପଥ ଓ ବନ୍ଦର କ୍ୟାବିନେଟ୍ ମନ୍ତ୍ରୀ ସର୍ବାନନ୍ଦ ସୋନାୱାଲଙ୍କୁ ଆଗାମୀ ସଂସଦ ଅଧିବେଶନରେ ସାକ୍ଷାତ୍ କରି ଏ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଜଗନ୍ନାଥ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନର ଆଲୋଚନାଚକ୍ର

ଜଳେଶ୍ୱର, ୧୪/୭(ନି.ପ୍ର) : ଜଳେଶ୍ୱର ପୌରପାଳିକାରେ ଅବସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରାଜନିତୀ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ପୌରହିତ୍ୟ କରିଥିଲେ । ବିଭାଗୀୟ ମୁଖ୍ୟ ଶ୍ରବଣ କୁମାର ନାଥ ଏହି ଆଲୋଚନାଚକ୍ରରେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗାଁ ଠାରୁ ରାଜଧାନୀ ଯାଏ ନିର୍ବାଚନ ବିଭିନ୍ନ ପର୍ଯ୍ୟାୟରେ ହେଉଥିବାରୁ ରାଜନିତୀ ବିଜ୍ଞାନର ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଲୋଚନାଚକ୍ରରେ ଛାତ୍ର ସୁମନ ସାହୁ, ସସ୍ମିତା ଦେ, ଫଗୁ ଟୁଡୁ, ଅନ୍ନପୂର୍ଣ୍ଣା ଜେନା, ବୈଶାଖି ମହାନ୍ତି, ଦିନବଂଧୁ କାମିଳା ପ୍ରମୁଖ ନିଜର ସନ୍ଦର୍ଭ ପାଠ କରି ରାଜନିତୀ ବିଜ୍ଞାନର ଭୂମିକା ସଂପର୍କରେ ଉପସ୍ଥାପନ କରିଥିଲେ । ଅନିଥିଭାବେ ଅଶୋକ କୁମାର ରଥ, ଜ୍ଞାନରଂଜନ ଜେନା, ନିଷ୍କଳ କୁମାର ଘଡେଇ, ନିରଞ୍ଜନ ପରିଡା, ବ୍ରିଜେଶ ସେନାପତି, ଉପ୍‌ସିତା ଦାସ, ଚାରୁଚପଳା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରଥମ ଓ ୨ୟ ବର୍ଷର ଛାତ୍ରଛାତ୍ରୀମାନେ ୩ୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ଦିବ୍ୟଜ୍ୟୋତି ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ଆଧ୍ୟାତ୍ମିକ ଅନୁଷ୍ଠାନ 'ପ୍ରାପ୍ତି' ପକ୍ଷରୁ ଗୁରୁପୂର୍ଣ୍ଣିମା

ବାଲେଶ୍ୱର,୧୪/୦୭ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଆଧ୍ୟାତ୍ମିକ ଅନୁଷ୍ଠାନ 'ପ୍ରାପ୍ତି' ପକ୍ଷରୁ ଶୋଭାରାମପୁରରେ ପବିତ୍ର ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏଥିରେ ଗୁରୁପୂଜନ ସହ ସମାଜର ଆଧ୍ୟାତ୍ମିକ ଗୁରୁଙ୍କର ଆଶୀର୍ବାଦ କାମନା କରାଯାଇଥିଲା। ମୁନି ସମାଜ ରାଜ୍ୟ ଅଧ୍ୟକ୍ଷ କମଳାକାନ୍ତ ମୁନି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରାର ବିଶେଷତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସମାଜସେବୀ ସୁବାସିନୀ ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁପୂର୍ଣ୍ଣିମା ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଡାକ୍ତର କୁମାର ଗୋପାଲ ଏଥିରେ ସଭାପତିତ୍ୱ କରିଥିବା ବେଳେ ପ୍ରାପ୍ତିର ସଂସ୍ଥାପକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଗୁରୁପୂର୍ଣ୍ଣିମାର ମାନବିକ ମୂଲ୍ୟବୋଧ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ପାଦିକା ଗୀତାଞ୍ଜଳି ପାଣିଗ୍ରାହୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସାଧାରଣରେ ଆଧ୍ୟତ୍ମିକ ଚେତନା ସୃଷ୍ଟି ଓ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବାହାନଗା ମହାବିଦ୍ୟାଳୟର ଅଧ୍ୟାପକ ମହେଶ୍ୱର ଉପାଧ୍ୟାୟଙ୍କୁ ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସତ୍ୟଭାମା ମୁଦୁଲି, କୁଞ୍ଜ ସୁନ୍ଦର ସ୍ୱାଇଁ, ତାପସ ପଣ୍ଡା, ହରିଶ ସାହୁ, ମନୋଜ ଦେ, ସର୍ବେଶ୍ୱର ଜେନା, ମଞ୍ଜୁଲତା ପଣିଗ୍ରାହୀ ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ବଡପଳଶା ଜାହେରା ସ୍ଥଳରେ ପୂଜାର୍ଚ୍ଚନା

ବାରିପଦା, ୧୪/୦୭ (ନି.ପ୍ର): ଜଣେ ଦକ୍ଷ ଆଦିବାସୀ ମହିଳା ନେତ୍ରୀ ଭାବରେ ମୟୂରଭଂଜର ଦ୍ରୌପଦୀ ମୁର୍ମୁ ଏନ.ଡି.ଏ.ର ପ୍ରାର୍ଥୀ ଘୋଷିତ ହେବା ପରେ ଆଦିବାସୀ ସମାଜ ଏହାକୁ ନେଇ ବେଶ ଉତ୍ସାହିତ ହୋଇ ତାଙ୍କର ବିଜୟ ପାଇଁ ବିଭିନ୍ନ ସ୍ଥାନରେ ଥିବା ଆଦିବାସୀ ଜାହିରା ସ୍ଥଳରେ ପୂଜାପାଠ କରାଯାଉଥିବାର ଦେଖିବାକୁ ମିଳୁଛି । ମଙ୍ଗଳବାର ଦିନ ଦ୍ରୌପଦୀଙ୍କ ନିଜ ଗ୍ରାମ ଉପରବେଡାରେ ପୂଜାପାଠ ହୋଇଥିବା ବେଳେ, ଆଜି ମୟୂରଭଂଜ ଜିଲ୍ଲା ବହଳଦା ବ୍ଲକର ବଡପଳଶା ଗ୍ରାମରେ ଆଦିବାସୀ ସାନ୍ତାଳ ସମାଜ ପକ୍ଷରୁ ସ୍ଥାନୀୟ ପୂଜାସ୍ଥଳୀ ଜାହେରା ଗାଳଠାରେ ଆଦିବାସୀ ସାନ୍ତାଳ ସମାଜର ଲୋକେ ପାରଂପାରିକ ବେଶଭୂଷାରେ ଜାହିରା ପୀଠରେ ଜାହାରାୟେ,ମାରାଂବୁରୁ ଏବଂ ଲିଟେ ଗୋସାଇଁଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ନାଏକା ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀଙ୍କର ବିଶ୍ୱାସ ଏହି ତିନି ଠାକୁରଙ୍କୁ ପୂଜାର୍ଚ୍ଚନା କଲେ ନିଶ୍ଚିତ ଭାବେ ଶୁଭଫଳ ମିଳିଥାଏ ଓ ମାନସିକ ପୂରଣ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ମୟୂରଭଂଜ ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ବରିଷ୍ଠ ବିଜେପି ନେତା ଈଶାନ ମିଶ୍ର, ବହଳଦା ବ୍ଲକ ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର ବସା, ବଡପଳଶା ସରପଂଚ ଗୀତାରାଣୀ ହେମ୍ବ୍ରମ, ଓବିସି ମୋର୍ଚା ସଭାପତି ଘାସିରାମ ସାହୁ, ମାଧବ ମହାପାତ୍ର, ସତ୍ୟବାନ ବସା, କୀର୍ତି ମହାନ୍ତ, ମାଝୀବାବା ହାଦି ସୋରେନ, ନାଏକ ବାବା ହମରା ହାଁସଦା, ,ଭଦ୍ରା ସାହୁ, କୁଶାଲ ମୁର୍ମୁ, ରାମ ମୁର୍ମୁ, ଜଗନ ଟୁଡୁ, ହେମନ୍ତ ହାଁସଦା, ରାଜୁ ମାରାଣ୍ଡି, ମନୋରଂଜନ ବେହେରା, କୁନା ବାରିକ, ଦିବା ହାଁସଦା ,ମାନସିଂହ ହାଁସଦା ପ୍ରମୁଖ ବହୁ ଆଦିବାସୀ ଏବଂ ଅଣଆଦିବାସୀ ବର୍ଗର ଲୋକଙ୍କ ସହିତ ବଡପଳଶା ଗ୍ରାମରେ ସାନ୍ତାଳ ସମାଜ ଲୋକେ ଏବଂଆଖପାଖ ଅଂଚଳର ସାନ୍ତାଳ ସଂପ୍ରଦାୟର ଲୋକେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ ।

ପଂଚଲିଙ୍ଗେଶ୍ୱର ଶୈବପୀଠର ଭୌଗଳିକ ପରିସ୍ଥିତି ପରଖିଲେ ଜିଲ୍ଲାପାଳ

ନୀଳଗିରି, ୧୪/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ନୀଳଗିରି ପଂଚଲିଙ୍ଗେଶ୍ୱର ଶୈବପୀଠର ଭୌଗଳିକ ପରିସ୍ଥିତିକୁ ବାଲେଶ୍ୱରର ନୂତନ ଜିଲ୍ଲାପାଳ ଡି.ବି. ସିନ୍ଧେ ଆଜି ପରିଦର୍ଶନରେ ଆସି ଫେରି ଯାଇଛନ୍ତି । ପଂଚଲିଙ୍ଗେଶ୍ୱର ଶୈବପୀଠର ପାରିପାର୍ଶ୍ୱିକ ଭୌଗଳିକ ପରିସ୍ଥିତିକୁ ପ୍ରଥମେ ପରିଦର୍ଶନ କରିଛନ୍ତି । ଉକ୍ତ ଶୈବପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ଜିଲ୍ଲାପାଳ ସବୁଜ ସଙ୍କେତ ଦେଇଛନ୍ତି । ଶୈବପୀଠର ଉନ୍ନତମାନର ଶୌଚାଳୟ, ପିଇବା ପାଣିର ସୁବ୍ୟବସ୍ଥା, ଦୋକାନୀମାନଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ରହଣି ସୁବିଧା, ନୂଆ ପାର୍କିଂ ବ୍ୟବସ୍ଥା କରାଯିବା ସହ ଶୈବପୀଠର ସରକାରୀକୁ ରକ୍ଷା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ନୀଳଗିରିର ପଂଚଲିଙ୍ଗେଶ୍ୱର ଶୈବପୀଠ ଜିଲ୍ଲାର ୧ନଂ ପର୍ଯ୍ୟଟନ କ୍ଷେତ୍ର ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହି ଅବସରରେ ବାଲେଶ୍ୱର ଡି.ଏଫ.ଓ. ଆୟୁଷ ଜୈନ, ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ, ପୂର୍ତ ବିଭାଗର ଏସ.ଡି.ଓ. ଦୁର୍ଗାଚରଣ ସାହୁ, ଔପଦା ବିଡିଓ ପର୍ଶୁରାମ ପଣ୍ଡା, କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା, ସ୍ଥାନୀୟ ସରପଂଚ ପୁରଷ୍ତମ ସେଠୀ, ବର୍ଷିୟାନ କମ୍ୟୁନିଷ୍ଟ ନେତା କୈଳାସ ପଣ୍ଡା, ସମିତିସଭ୍ୟ ଭୋଳାନାଥ ମାଝୀ, ଶ୍ୟାମସୁନ୍ଦର ସେବା ସମବାୟ ସମିତିର ସଭାପତି ମନୋରଂଜନ ଦାସ, , ସ୍ଥାନୀୟ ବୁଧିଜୀବୀମାନେ ଉପସ୍ଥିତ ଥିଲେ ।

ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତାଙ୍କ ଟିପ୍ପଣୀର ପ୍ରତିବାଦ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବାଲେଶ୍ୱରରେ ବିକ୍ଷୋଭ

ବାଲେଶ୍ୱର,୧୪/୦୭ (ନି.ପ୍ର): ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥିନୀ ଦୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱକୁ ନେଇ କଂଗ୍ରେସର କେନ୍ଦ୍ରୀୟ ନେତା ଅଜୟ କୁମାରଙ୍କ ତାଚ୍ଛଲ୍ୟପୂର୍ଣ୍ଣ ମନ୍ତବ୍ୟରେ ଏବେ ସମଗ୍ର ଦେଶରେ ବିବାଦୀୟ ସ୍ଥିତି ଉପୁଜିଛି। କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ବିଜେପି ଯୁବମୋର୍ଚ୍ଚାର ବାଲେଶ୍ୱର ଶାଖା ପକ୍ଷରୁ ସ୍ଥାନୀୟ ଫାଣ୍ଡିଛକଠାରେ ଗୁରୁବାର ଅପରାହ୍ନରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ତଥା ସଦର ନେତା ମାନସ ଦତଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଦଳୀୟ ଯୁବ କର୍ମୀମାନେ ଯୋଗଦେଇ ଅଜୟ କୁମାରଙ୍କ ସମେତ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆଚରଣକୁ ତୀବ୍ର ନିନ୍ଦା କରିଥିଲେ। ଓଡ଼ିଶା ପାଇଁ ଗୌରବ ହୋଇଥିବା ଶ୍ରୀମତୀ ମୁର୍ମୁଙ୍କ ବାବଦରେ କଂଗ୍ରେସ ନେତାଙ୍କ ଏଭଳି ଟିପ୍ପଣୀକୁ କେବେ ଗ୍ରହଣୀୟ ନୁହେଁ ବୋଲି ସେମାନେ କହିଥିଲେ। ଅଜୟ କୁମାର ଓ ରାହୁଲ ଗାନ୍ଧୀ ତୁରନ୍ତ କ୍ଷମା ନ ମାଗିଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସଦର ବିଜେପି ନେତା ଶୀ ଦତ କହିଛନ୍ତି। ଏହି ଅବସରେ ବିଜେପି ଯୁବ କର୍ମୀମାନେ ରାହୁଲ ଗାନ୍ଧୀ ଓ ଅଜୟ କୁମାରଙ୍କ କୁଶପୁତଳିକା ଦାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ସୁଜିତ ଦେବ, ବିଜୟ ପାଣିଗ୍ରାହୀ, ଦୁକୁଲୁ ଘଡ଼େଇ, ଗୌରାଙ୍ଗ ଦାସ, ପର୍ଶୁରାମ ବେହେରା, ପ୍ରବୀର ଦାଶ, ବିକାଶ ପାଢ଼ୀ, ଗଙ୍ଗାଧର ରାଉତ, ଅରୂପ ଜେନା, ସଂଯୁକ୍ତା ମହାପାତ୍ର, ସସ୍ମିତା ଶୁକ୍ଳା, ମଧୁସ୍ମିତା ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ।

ନୀଳଗିରି ବିକାଶରେ ଯୋଡ଼ି ହେବାକୁ ଯାଉଛି ବନ୍ଦ ରହିଥିବା ସ୍ପିନ୍ନର କାରଖାନା

ନୀଳଗିରି, ୧୪/୦୭ (ନି.ପ୍ର): ଦୀର୍ଘ ୧୫ବର୍ଷ ଧରି ନୀଳଗିରି ଗୋପିନାଥପୁର ଠାରେ ଥିବା ସ୍ପିନ୍ନର କାରଖାନା ବନ୍ଦ ରହିଥିବା ବେଳେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯେତେବେଳେ ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୋପିନାଥପୁର ଠାରେ ନୂତନ ପାସେଞ୍ଜର ଟ୍ରେନ ଚଳାଚଳର ଶୁଭାରମ୍ଭ କରିଥିଲେ, ସେତେବେଳେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଠାରେ ଥିବା ସ୍ପିନ୍ନର କାରଖାନାଟି ୧୫ବର୍ଷ ଧରି ବନ୍ଦ ହେବା ଯୋଗୁଁ ବହୁ ପରିବାର ନିଜର ଜୀବନଜିବିକା ହରାଇଛନ୍ତି । ଯଦି ଉକ୍ତ କାରଖାନା ପୁର୍ନବାର ଚାଲିବ, ତେବେ ଅନେକ ପରିବାର ନିଜରଆର୍ଥିକ ମାନଦଣ୍ଡର ଉନ୍ନତି ହୋଇପାରିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ମାନ୍ୟବର ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନୀଳଗିରି ସ୍ପିନ୍ନର କଂମ୍ପାନୀ ଚଳାଇ ପାରୁ ନ ଥିବା ବେଳେ ଅନ୍ୟ କୌଣସି କମ୍ପାନୀକୁ ହସ୍ତାନ୍ତର କରି କାର୍ଯ୍ୟକ୍ଷମ କରିବାକୁ ଶ୍ରୀଯୁକ୍ତ ଷଡ଼ଙ୍ଗୀ ମାନ୍ୟବର ମନ୍ତ୍ରୀଙ୍କୁ ମଧ୍ୟ ଅନୁରୋଧ କରିଥିଲେ । ସାଂସଦଙ୍କ ଅନୁରୋଧକୁ ସମ୍ମାନ ଜଣାଇ ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ରାଘବେନ୍ଦ୍ର ରେଳ ଇନ୍‌ଫ୍ରାଷ୍ଟ୍ରକଚର ପ୍ରା.ଲି.ଃ. କମ୍ପାନୀ ସହ ଚୁକ୍ତିନାମା କରି ହସ୍ତାନ୍ତର କରିଛନ୍ତି। ୧୫ବର୍ଷ ଧରି ବନ୍ଦ ରହିଥିବା ସିଲପର କାରଖାନା ପୁନଃ କାର୍ଯ୍ୟକ୍ଷମ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଆଜି ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ କିଛି ପୁରୁଣା ଶ୍ରମିକଙ୍କ ସହ ନୂଆ ମ୍ୟାନେଜମେଂଟକୁ ଧରି କାରଖାନା ବୁଲି ଖେ